ପ୍ରଥମ ସମ୍ପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

ସପ୍ତମ ବର୍ଷ, ନବମ ସଂଖ୍ୟା
ଡିସେମ୍ବର ୨୦୧୨

# ଆହ୍ୱାନ

ସ୍ତ୍ରୀ
ଶିଙ୍ଗାର
ଛାଡ଼ଖାଇ
ଗାଈର ଆତ୍ମକଥା
କାଲିର ଅନେଷଣ
କୋଇଲି ବୈକୁଣ୍ଠ
ଭଲ ପାଇବାର ମାନେ
ମୋ ଘରେ ଆସିଲ ନାହିଁ



ପିଲା - ଟୁଟେକେଲ୍,
କନ୍ୟାଭ୍ରୁଣ ହତ୍ୟାର ଅପ୍ରିୟ ସତ୍ୟ

ବାଘ

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ | କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ | ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ | ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି | ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର | କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ |

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ | ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ | ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ |

# ସମ୍ପାଦକୀୟ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଆମେ ଓଡ଼ିଆ। ଆମର ନାଥ ଶ୍ରୀଜଗନ୍ନାଥ। ଆମ ମନ୍ଦିର ଶ୍ରୀମନ୍ଦିର। ଏହି ମନ୍ଦିରରେ ବର୍ଷର ବାରମାସରେ ତେରପର୍ବର ଆନନ୍ଦ ଉଲ୍ଲାସ। ସବୁବେଳେ ଶାନ୍ତିପ୍ରିୟ ଆମ ଜାତି ଓଡ଼ିଆ ଜାତି। ଦଶହରାର ପାର୍ବଣପର୍ବର ପରିସମାପ୍ତି ପରେ ପରେ ପବିତ୍ର କାର୍ତ୍ତିକ ମାସର ଆଗମନ, ଏବଂ କାର୍ତ୍ତିକ ଯାଉ ଯାଉ ପବିତ୍ର ମାର୍ଗଶୀର ମାସ। ଘରେ ଘରେ ମାଣବସା ଗୁରୁବାର ପୂଜାର ସମୟ। ପର୍ବପର୍ବାଣୀ ଜାନିଯାତରାର ସମୟ। ଉଲ୍ଲାସମୟ ସମୟ। ଆଣ ମାଛମାଂସ ଆଣ, କାର୍ତ୍ତିକ ଚାଲିଗଲାଣି ଏବେ ଛାଡ଼ଖାଇର ବେଳ। ସାରୁ ଦେଶୀଆଳୁକୁ ବାନ୍ଧି ରଖିପକାଅ।

ଏବେ ନିର୍ମଳ ଆକାଶରେ ମେଘର ଅନୁପସ୍ଥିତି, ପାହାନ୍ତି ପହରେ ଶୀତର ରାଜୁତି ଭିତରେ କମ୍ବଳ ଭିତରୁ ମୁଣ୍ଡ ଉଠେଇ ଜଗତକୁ ଦେଖୁଥିବା ଜୀବନ। ଏହି ସମୟରେ ଦେହ ସମ୍ପୂର୍ଣ୍ଣ ସୁସ୍ଥ ଏବଂ ମନ ପବନ। କାକରର ଜଳବିନ୍ଦୁରେ, କୁହୁଡ଼ିଆ ଅନ୍ଧାରର ସକାଳ ପହରେ, ଥୁରୁ ଥୁରୁ ଥରୁଥିବା ପୁଙ୍ଗୁଳା ଦେହରେ, ବରଫପରି ବସିଯାଉଥିବା ମନରେ କେବଳ ଗୋଟିଏ କଥା, ସବୁବେଳେ ଏଇମିତି ପାଗ ରହନ୍ତା କି ?

ସମୟ ଆସେ ଯାଏ। ଦେଖୁ ଦେଖୁ ଗୋଟିଏ ବର୍ଷ କେମିତି ବିତିଗଲା କେହି ଜାଣିପାରିଲେ ନାହିଁ। ଓଡ଼ିଶାରେ ଖଣି ଦୁର୍ନୀତିଠୁ ଆରମ୍ଭକରି ନିରୀହ ଶିକ୍ଷକ ମାନଙ୍କ ଉପରେ ଲାଠିମାଡ଼, ମହିଳା ପୋଲିସ୍ ଉପରେ ଆନ୍ଦୋଳନକାରୀଙ୍କ ଆକ୍ରମଣ, ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତିରେ ତାଙ୍କର ଆସନକୁ ହରଣଚାଳ କରିବାର ଫଳହୀନ ପ୍ରଚେଷ୍ଟା ଆଉ କେତେ କଣ। ଓଡ଼ିଶା କିନ୍ତୁ କିଛି ବଦଳିନି, ସବୁଠି ସେଇ ଏକା କଥା, ସକାଳ ପାଇଲେ ପେଟ କଥା ଚିନ୍ତା, ଦେଶରେ କଣ ହେଉଚି କିଏ ବୁଝୁଛି? ବୁଝିବା ପାଇଁ ନେତାଙ୍କ ଧାଡ଼ି ଲାଗିଛି। ଆମକୁ ଦୁଇ ଟଙ୍କିଆ ଚାଉଳ ଦିଅ, ଆମ ପିଲାଙ୍କୁ ମାଗଣା ସାଇକେଲ୍ ଦିଅ, ଆମକୁ ମାଗଣା ଜମିପଟା ଆଉ ଘରଦ୍ବାର ଦିଅ, ମୋ ବୃଦ୍ଧାମା'କୁ ଭତ୍ତା ଦିଅ, ମୋ ବିଧବା ଭାଉଜକୁ ଭତ୍ତା ଦିଅ, ଆମ ଗାଁ ରଘୁଆକୁ ଏଡ୍ସ ହେଇଛି ତାକୁ ଭତ୍ତା ଦିଅ, ଆମକୁ ସବ୍‌ସିଡ଼ି ଦିଅ। ଆଉ ଆମେ ନିର୍ଲଜ ଭାବେ ସବୁ ଉଦରସ୍ଥ କରିଦେଇ ତୁମକୁ ଭୋଟ୍ ଦେବୁ। ତୁମେ କଣ କରୁଛ ନ କରୁଛ ଆମକୁ କିଛି ଜଣାନାହିଁ। ବଡ଼ବଡ଼ିଆଙ୍କ ଥାଟ୍ ଦେଖିବାକୁ ତର କାହିଁ, ସକାଳ ପାଇଲେ ତ ଗାଁ ମୁଣ୍ଡ ଦେଶୀ ଭାଟିରେ ସବୁ ବଡ଼ବଡ଼ିଆ ଏକାଠି, ପେଟରେ ଦି ଗିଲାସ୍ ଦେଶୀ ପଡ଼ିଲେ ମୋ ଦୁନିଆ ଖୁଶିରେ ହସିଉଠେ ଆଉ ମୁଁ ବି।

ମୋର କିନ୍ତୁ ପୁଅଟିଏ ଲୋଡ଼ା, ମୋ ବଂଶ ରଖିବ। ଝିଅ ଜମା ଦର୍କାର ନାହିଁ। ତାକୁ ଦୁରେଇ ଦେବାପାଇଁ ସରକାରୀ ବେସରକାରୀ ସବୁ ବ୍ୟବସ୍ଥା ଅଛି। ଝିଅ କଣ ହେବ। ମାଟିହାଣ୍ଡି। ପୁଅ ମୋର ସୁନା। ପୁଅ ଥିଲେ କେତେ ବଳ, କେତେ ସାହାସ, ଝିଅ କଣ ହେଇ ପାରିବ ସେମିତି ? ଗରୀବଘର ଝିଅକୁ ଦିଗୋଡ଼ିଆ ବାଘ ଖାଇଯାଆନ୍ତି, ଯେତେ ଖାଆନ୍ତି ତାଠୁ ଢେର୍ ଅଧିକ ନିଜ ନିର୍ଲଜ ଆଖିରେ ତା ଇଜ୍ଜତକୁ କେତେଥର ଯେ ତଳେ ପକେଇ ଦିଅନ୍ତି ତାହା କିଏ କହିବ ? ବଞ୍ଚିବା ପାଇଁ ନିର୍ଲଜ ହେବାକୁ ହିଁ ହେବ, ପରଦୁଆରେ ଗୋଡ଼ଭାଙ୍ଗି ଛିଡ଼ାହେଲେ ଯାଇ ନିଜ ପେଟକୁ ଦି ମୁଠା ଭଲ ଅନ୍ନ ମିଳିବ। ଏଇମିତି ଅନେକ କଥା ଓ ନଥାର ସମାହାର ଚଳିତ ମାସର ଆହ୍ବାନର ଏଇ ସମ୍ଭାର। ଆଶା କରୁଛି ଆପଣ ମାନଙ୍କୁ ନିଶ୍ଚୟ ଭଲ ଲାଗିବ।

ଜ୍ୟୋତି ପ୍ରସାଦ

# ସୂଚୀପତ୍ର

ମା ୫
ରଞ୍ଜିତା ପଣ୍ଡା

ଭଲ ପାଇବାର ମାନେ ୬
ଦେବାଶିଷ ସାମଲ

ଛାଡ଼ଖାଇ ୮
ସରୋଜ ମିଶ୍ର

ସ୍ତ୍ରୀ ୧୦
ଉର୍ମିଳା ମିଶ୍ର

କନ୍ୟା ଭ୍ରୁଣହତ୍ୟାର ଅପ୍ରିୟ ସତ୍ୟ ୧୧
ବାଲ୍ମୀକି ନାୟକ

ଗାଈର ଆତ୍ମକଥା ୧୫
ପ୍ରିୟରଞ୍ଜନ ଦାଶ

ଆମ ସହରର ହାଲଚାଲ ୧୬
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

କାଲିର ଅନ୍ବେଷଣ ୨୧
ବିନୟ ମୋହନ ଦାସ

ମୋ ଘରେ ଆସିଲ ନାହିଁ ୨୨
କମଳ କୁମାର ଦାଶ

ପିଲା-ଟୁକେଲ୍ ୨୩
ବିଧୁଭୂଷଣ ମିଶ୍ର

ଆକାଶର ଇନ୍ଦ୍ରଧନୁ ୨୪
ଶିଳ୍ପଦା ସାମଲ

ବାଉଦପୁର ଷ୍ଟେସନରେ ଅପରାହ୍ନ ୨୬
ରଞ୍ଜନ କୁମାର ପାଣିଗ୍ରାହୀ

କୋଇଲି ବୈକୁଣ୍ଠ ୨୭
ଶ୍ବେତା ଆଚାର୍ଯ୍ୟ

ଶୃଙ୍ଗାର ୨୮
ମନୋଜ କୁମାର ମୁଦୁଲି

ଅରଣ୍ୟ ସୁଷମା ୩୧
ଶ୍ରୀମତି ଶାନ୍ତିଲତା ପଣ୍ଡା

ଫେସବୁକ-୫ (ଧାରାବାହିକ) ୩୩
ପ୍ରଶାନ୍ତ କୁମାର ଭୂୟାଁ

କଇଁ ପାଇଁ ପଦେ ୪୦
ଅସିତ୍ କୁମାର ପଣ୍ଡା

ବାଘ ୪୧
ସୌମ୍ୟ ସାରସ୍ବତ ଦାଶ

ମୋ ଭ୍ରମଣ କାହାଣୀ - ଟରୋଣ୍ଟୋ ୪୭
ପ୍ରଶାନ୍ତ କୁମାର ଭୂୟାଁ

ମାନସିକ ବିଷାଦ ଏବଂ ଛାତ୍ରଛାତ୍ରୀ ୫୫
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଅନ୍ଧବିଦ୍ୟାଳୟରେ ସନ୍ଧ୍ୟା ୫୮

ବିଶେଷ ସୂଚନା ୬୦

ଆହ୍ୱାନର ସମସ୍ତ ପାଠକପାଠିକା ମାନଙ୍କୁ
ଇଂରେଜୀ ନବବର୍ଷ ୨୦୧୩ର ହାର୍ଦ୍ଦିକ ଅଭିନନ୍ଦନ

**୨୦୧୩**

ଏହି ନବବର୍ଷରେ ଆପଣଙ୍କର ସମସ୍ତ ମଙ୍ଗଳ ହେଉ । ଭଗବାନ ଆପଣଙ୍କ ପରିବାରକୁ ସ୍ନେହ, ଶାନ୍ତି ଓ ସୌହାର୍ଦ୍ଦ୍ୟ ତଥା ସମୃଦ୍ଧି ପ୍ରଦାନ କରନ୍ତୁ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ମା

ରଞ୍ଜିତା ପଣ୍ଡା

ମା ତୁମେ ପବିତ୍ର ଗଙ୍ଗାର ଧାରା,
ମା ତୁମେ ଧରା ରେ ଦେବୀଙ୍କ ରୂପ ପରା,
ସକଳ ଶକ୍ତିର ସମାହାର ତୁମେ,
ସକଳ ଜଗତର ପାଳନକାରିଣୀ ତୁମେ,
ରକ୍ତ ମାଂସର ଶରୀରକୁ ଜାଳି ପୋଡ଼ି ଦିଅ,
ନିଜ ଶିଶୁକୁ ଜୀବନ ଦେଇ ନିଜେ ମରଣକୁ ଆବୋରି ନିଅ,
ଅଦୟନିୟ ସଂସାରରୁ ଦୁର କରି ରଖ ତୁମେ,
ହିଂସା, ଅହଂକାରରୁ ନିଜ ପଣତରେ ଘୋଡ଼ାଇ ରଖ ତୁମେ
ନାରୀରୂପୀ ନାରାୟଣୀ ତୁମେ,
କଳିର ଏହି ସଂସାରେ ସତୀର ରୂପ ତୁମେ,
ନ ଖାଇ ନ ପିଇ ନିଜ ସନ୍ତାନକୁ ଜୀବନ ଦିଅ  ତୁମେ,
କୋଳରେ କୋଳେଇନେଇ ସବୁ ଦୁଃଖରୁ ପାସୋରି ନିଅ ତୁମେ,
ବାଟେ ଯେବେ ପଡ଼ିଯାଏ ମନପଡ଼ ତୁମେ ମା,
ଲଢ଼େ ଯେବେ ଏ ଦୁନିଆମନ ପଡ଼ ତୁମେ ମା,
ଆଜି ଏ ସଂସାରେ ଏ  ସମୟ ଆସିଛି,
ଜନମ ଦେଇ ପାଳିଥିବା ସନ୍ତାନ ମା'କୁ ମାରୁଛି,
ମା'ରୂପ ଏକ ଦୁନିଆରେ ମଣିଷ କେବେ ଯେ ବୁଝିବ,
ସବୁ ସନ୍ତାନ ଏକ ମଣିଷ କେବେ ଯେ ଜାଣିବ,
ଦେବୀରୂପୀ ଶକ୍ତି ତୁମ ଯେବେ ଜାଗ୍ରତ ହେବ,
ସଂସାରୁ ସବୁ ପାପ ସରି ଯିବ,
ଚରଣେ ତୁମ ଏ ଜୀବନ ଯାଉ,
ପଣତର ଛାୟାରେ ମୋ ଜୀବନ ବିତିଯାଉ ।

# ଭଲ ପାଇବାର ମାନେ



ଦେବାଶିଷ ସାମଲ

ସାଗର ବେଳାରେ ତା'ସହ ହାତ ଧରି ଚାଲିବା

ସାଗରର ଗଭୀରତାକୁ ତା ଆଖିରେ ମାପିବା

ବାଲିଘରଟିଏ ତୋଳିବା, ଶାମୁକାରେ ତାକୁ ସଜାଇବା

ସେ, ମୁଁ ଓ ଆମ ବାଲିଘରକୁ ନେଇ ଭାବନାରେ ହଜିଯିବା ହିଁ

ଭଲ ପାଇବା...

ହଠାତ୍ ଢେଉର ସୁଅରେ ବାଲିଘର ଭାଙ୍ଗିଯିବା

ଢେଉକୁ, ସମୟକୁ, ଭଗବାନଙ୍କୁ ମନଭରି ଗାଳିଦେବା

'ଏତେ ସୁନ୍ଦର ବାଲିଘରକୁ ଢେଉ କିଆଁ ଭାଙ୍ଗିଦେଲା'ର କାରଣ ଖୋଜି ଖୋଜି ନ ପାଇବା ହିଁ

ଭଲ ପାଇବା...

ନିଜ ପାଇଁ ପର୍ସ ଆଣିବାକୁ ଯାଇ ତା ପାଇଁ ଭେନିଟି ଧରି ଆସିବା

ସାର୍ଟଟି ଭଲ ଅଛି କହିଲେ, ସବୁବେଳେ ପିନ୍ଧିବା

ତାକୁ ଭଲ ଲାଗୁଥିବା ଗୀତକୁ ସବୁବେଳେ ଗୁଣୁଗୁଣେଇବା

ତା ପସନ୍ଦ ଧୀରେ ଧୀରେ ନିଜ ପସନ୍ଦ ହୋଇଯିବା ହିଁ

ଭଲ ପାଇବା...

କାଳେ ତାକୁ ଭଲ ଲାଗିବନି ବୋଲି ଭାବି ଦୁନିଆକୁ ନିଜଠୁ ଦୁରେଇ ଦେବା

ତା ପାଇଁ ନିଜକୁ ସମ୍ପୂର୍ଣ୍ଣ ବଦଳେଇ ଦେବାପରେ ସିଏ ନିଜେ ବଦଳିଯିବା

ତାକୁ ଅନ୍ୟପାଇଁ ଲୁହ ଝରେଇବା ଦେଖି, ନିଜ ଲୁହକୁ ଲୁଚାଇ ନ ପାରିବା

ନିଜ ପାଇଁ ପ୍ରାର୍ଥନା ପୂର୍ବରୁ ତା ପାଇଁ ପ୍ରାର୍ଥନା କରିବା ହିଁ

ଭଲ ପାଇବା...

ଦୀପଶିଖାଟିଏ ପାଇଁ ପତଙ୍ଗର ନିଜକୁ ଆହୁତି ଦେବା

ଆଖିର ଲୁହକୁ ଆଖିରେ ଲୁଚେଇ ଓଠରେ ହସ ଫୁଟେଇବା

ଅମାରାତିରେ କଇଁର ଜହ୍ନପାଇଁ ପ୍ରହର ପ୍ରହର ପ୍ରତୀକ୍ଷା କରିବା

ବାକ୍‌ରୁଦ୍ଧ ହୋଇ ଓଠରୁ କିଛି କହିନପାରି, ଦୁଇବୁନ୍ଦା ଲୁହ ଝରାଇବା ହିଁ

ଭଲ ପାଇବା...

'ଭୁଲି ଯାଅ ମୋତେ, ଆଉ କାହାକୁ ଭଲପାଅ' ଶୁଣି ବି

ଖୁସିରେ ତାକୁ ଯିବାକୁ ଦେବା, ତା ହସରେ ନିଜ ଖୁସିକୁ ଖୋଜିବା

ଆଖି ସାମ୍ନାରୁ ଯିବାବେଳେ ଅପଲକ ଚାହିଁ ରହିବା

ବିତାଇଥିବା ସବୁ ସମୟ ଆଖି ଆଗରେ ନାଚିଯିବା ହିଁ

ଭଲ ପାଇବା...

କାହିଁକି ସେ ଏମିତି ପ୍ରତାରଣା କଲା ?

ଏକା ଥିଲି ଭଲଥିଲି.... ଭଲ ପାଇବାର କାହିଁକି ଶିଖାଇଲା ?

ମୋର କେଉଁଠି ବା ତୃଟି ରହିଲା ?

ଭଲ ପାଇବାରେ କେଉଁଠି ଅଭାବ ରହିଗଲା ?

ଏମିତି ହଜାରେ ପ୍ରଶ୍ନର ଉତ୍ତର ଖୋଜୁ ଖୋଜୁ ହଠାତ୍

ବାଲିଘରକୁ ଢେଉ ଭାଙ୍ଗିଦେବାର କାରଣ ମିଳିଯିବା ହିଁ

ଭଲ ପାଇବା...

# ଛାଡ଼ଖାଇ



ସରୋଜ ମିଶ୍ର

କାଲିଥିଲା ଭାଇ କାର୍ତ୍ତିକ ପୁନେଇ ଆଜି ହେଲା ଛାଡ଼ଖାଇ
ପାଟି ଲାଗୁଥିଲା ଜରୁଆ ଜରୁଆ ସିଝା ଦରସିଝା ଖାଇ
ମାସେ ହେଇଗଲା ପିଆଜ ରସୁଣ ଘରେ ପଡ଼ିଥିଲା ତାଲା
ବଜାର ପରିବା ମୁହଁ ମୋଡୁଥିଲେ ପାଖକୁ ତ ଯିଏ ଗଲା
ସବୁ ଘରେ ଗଡ଼େ ଆଳୁ ପରିବାଟି ଶୁଖିଲା ରୋଗୀଲା ହୋଇ
ସାଙ୍ଗସାଥୀମାନେ ଛୁଟିରେ ଅଛନ୍ତି ମନତା'ର ଭଲ ନାହିଁ
ପରିବା ରେ'ଏଟ ଆକାଶ ଛୁଇଁଲା ସଭିଙ୍କ ଛାତିରେ ଶଂକା
ପୋଟଳ ଷାଠିଏ, ଟମାଟ ଚାଳିଶି, ଅଣ୍ଟା କରିଲାଣି ବଙ୍କା

ହବିଷ ପାଇଁକି ସାରୁ ମଉସାଟି କୁଣ୍ଡେଇ କାଣ୍ଡେଇ ହୋଇ
କହେ ଝାଡ଼ି ହୋଇ ମୋ'ଠାରୁ ଖୁସି ଆଉକେ ଜଗତେ ନାହିଁ
ଦୁନିଆ ଯାକର ସବୁଯାକ ଲୋକ ସୁଧୁରି ଗଲେଣି ଏବେ
ଏତେ ଦିନେ ମୋର ଭଲଗୁଣ ଦେଖି କୁହନ୍ତି ମୋତେ ହିଁ ନେବେ
ଓଉ ଉଠିପଡ଼ି କହେ ସାରୁଭାଇ ଆମେ ଦୁହେଁ ପରା ସାଙ୍ଗ
ତୁମ ତ ନାଳୁଆ ମୁଁ ବି ନାଳୁଆ ନୁହେଁ କି ଏ ରାଜ ଯୋଗ
କାର୍ତ୍ତିକ ନଥିଲେ ଆମେ କି ଥାଆନ୍ତେ ପ୍ରିୟପାତ୍ର ସଭିଙ୍କର
ତିରିଶି ଡେଇଁଚି ଆମ ଗୁଣଲାଗି ବଜାର ପରିବା ଦର

ସବୁଦିନେ ପାଗ ଓଦା ରହେ ନାହିଁ ପିଆଜ ରାଗିକି କହେ
ତୁମ୍ଭର ରାଜୁତି ଏବେ ଗଲା ବିତି ଥିଲାପରା ଏଇ ଯାଏଁ
ଆଜି ପରା ଛାଡ଼(ଖାଇ) ଲୋକଙ୍କର ଭିଡ଼ ଟିକିଏ କଣେଇ ଚାହଁ
ମାସକାଳ ଆମ ବିନା ଯେ ବ୍ୟାକୁଳ ଧୋଇ କେ ନାହାନ୍ତି ମୁହଁ
ପେଟେ ଓଦାକନା ଦେଇଟିକେ ଅନା ସରିଗଲା ତୁମ ଦିନ

ଗିନି ଖୋଳ ଧରି ଦାମୋଦର ଝୁରି ଗାଉଥା ବସି ଭଜନ
ଆମିଷ ଲାଗି ଏ ଦୁନିଆଁ ଚାଲିଛି ଅଧିକାଂଶ ଆଇଁଷିଆ
କୁକୁଡ଼ା ଛାଗଳ ହେଲେଣି ପାଗଳ ରଡ଼ିକରି ଭେଁ ଭାଁ

ଲୋକଙ୍କର ଭିଡ଼ ଦେଖି ସାରୁ-ଓଉ ନିମିଷକେ ଗଲେ ଡରି
ସରିଲା ସମୟ ଚାଲ ହିମାଳୟ କଛା କଉପିନି ଧରି
ସବୁଜ ପରିବା ଖୁସିରେ ଡିଅନ୍ତି ଆସିଗଲା ଆମ ଦିନ
ଧୋଇ ଧାଇ ହୋଇ ଛାତିକୁ ଫୁଲେଇ ଦିଶିଲେଣି ଛନ ଛନ
ଚାରିଆଡ଼େ ଦେଖ ମହକି ଗଲାଣି ଆଇଁଷ ବାସର ଧୂଆଁ
କୁଆଡ଼େ ମଟନ୍ କୁଆଡ଼େ ଚିକେନ କୁଆଡ଼େ ଖୈଙ୍ଗା ଶୁଖୁଆ
ଏହି ମାସ ଯିଏ ଛାଡ଼ିପାରେ ନାହିଁ ଶୁଦ୍ଧମନରେ ଆମିଷ
ହିଂସା-ନୃଶଂସତା କେମିତି କମିବ ସର୍ବେ ଆମିଷର ବଶ

ସିନିହ ମମତା ବୁଡ଼ି ତ ଗଲାଣି ଆମିଷକୁ କରି ସାଥୀ
ଜାତି ଭେଦଭାବ କେତେ ଭୁଲିଲେଣି ଅଜାତିରେ କରି ପ୍ରୀତି
ପରଉପକାର ଟିକିଏ ତ ନାହିଁ ହେଲେଣି ବି ସ୍ବାର୍ଥପର
ରକ୍ତ ଜୁଡୁବୁଡୁ ହୋଇ ତୁ ପଡ଼ିଥା ଆଖିଥାଇ ହେଲେ ଚୋର
ଆହା ବୋଲି କହି ମୁହଁକୁ ବୁଲେଇ ଯିଏ ଜଗେ ଯେ'ଝା କାମ
ଭୁଲି ତ ଗଲେଣି ମଣିଷପଣିଆଁ ପ୍ରକୃତ ମଣିଷ ଧର୍ମ
ଘରେ ଘରେ ଦେଖ ସବୁ ଚାରିଫାଟ ଏକଘରେ ଚାରିଦ୍ବାର
ନିଜକୁ ସମ୍ଭାଳ ନିଜେ ବାଇମନ ତୁହି ଏକା ନିଜେ ତୋର...

# ସ୍ତ୍ରୀ



ଉର୍ମିଳା ମିଶ୍ର

ମୁଁ, ସ୍ତ୍ରୀ...
ଏକ ସଦ୍ୟ ପ୍ରସ୍ଫୁଟିତ
ଫୁଲର ମହକ
ସତ୍ୟ, ଶିବ, ସୁନ୍ଦରର
ଶିଳାଲିପି, ସୀମନ୍ତିନୀ
ଲାଲ୍ ଟୁକୁ ଟୁକୁ
ସାଧବ ବୋହୁର ରଙ୍ଗରେ,
ତୁମ ସବୁ ପାପ ମୋର
ମୋ ସବୁ ପୁଣ୍ୟର ତୁମେ
ଏକା ଅଧିକାରୀର, ଆତ୍ମତୃପ୍ତି... ।

ତୁମ ପ୍ରତିଟି ଅସଜଡ଼ା
ମୁହୂର୍ତ୍ତର ସାକ୍ଷୀ,
ହୃଦର ଦୋ-ଛକିରେ ଛିଡ଼ା
କୋକୁଆ ଭୟ
ଏଇ ଦେଖ ମୁଁ ଅଛି
ସାତ ସମୁଦ୍ର ପାରି ହୋଇ ଯିବାର
ନିର୍ଭୟ ପ୍ରତିଶ୍ରୁତି...,
ମୁଁ ତୁମ ଆତ୍ମା ସାଥୀ... ।

ମା ମମତାର ବିକଳ୍ପ,
ସାରା ଜୀବନର ସାଥୀ...
ଅତୃପ୍ତ ମନର,
ପ୍ରତିଟି ନୀରବ ଶବ୍ଦର
ଭାଷା କୋଷ,
ପ୍ରୀତିର ରାଗିଣୀ
ମୁଁ ଅର୍ଦ୍ଧାଙ୍ଗିନୀ... ।

ଦେବଙ୍କର ଦେବ
ତୁମେ ମୋ ଦେବତା,
ଏକ ଶୁଦ୍ଧ ମନର ସ୍ବୀକାରୋକ୍ତି,
ତୁମ ନାମେ ମୋ ଦୀପ ଜଳେ
ମନ୍ଦିର ବେଢ଼ାରେ
ଦୀର୍ଘ ଜୀବନର,
ପୂର୍ଣ୍ଣ ସବୁ ସ୍ବପ୍ନର
ମୁଁ ଆତ୍ମତୃପ୍ତି,
ସ୍ରୋତସ୍ବିନୀ,
ତୁମ ପ୍ରେମ ପାଗଳିନୀ... ।

# କନ୍ୟା ଭୃଣହତ୍ୟା ପଛରେ ଥିବା ଅପ୍ରିୟ ସତ୍ୟ



ବାଲ୍ମୀକି ନାୟକ

ଗତ ମଇମାସ ଛଅ ତାରିଖ ରବିବାର ଦିନ ହିନ୍ଦୀ ସିନେମା ଜଗତର ଚିତ୍ର ତାରକା ଅମୀରଖାନଙ୍କ ଦ୍ବାରା ପ୍ରସ୍ତୁତ 'ସତ୍ୟମେବ ଜୟତେ' କାର୍ଯ୍ୟକ୍ରମରେ 'କନ୍ୟା ଭୃଣହତ୍ୟା' ପ୍ରସଙ୍ଗ ଉପରେ ବିସ୍ତୃତ ଚର୍ଚ୍ଚା ହୋଇଥିଲା। ସେଥିରେ ରାଜସ୍ଥାନ ଓ ମଧ ପ୍ରଦେଶର କିଛି ନର୍ସିଂ ହୋମ୍ ଭିତରେ ଷ୍ଟିଙ୍ଗ୍ ଅପରେସନ୍ କରି ସଂଗ୍ରହ କରାଯାଇଥିବା, ଡାକ୍ତର, ନର୍ସ ମାନଙ୍କ ଦ୍ବାରା ଅବୈଧ ରୂପେ କନ୍ୟାଭୃଣ ହତ୍ୟା କରାଯାଉଥିବା ସଂବେଦନଶୀଳ ଦୃଶ୍ୟ ପ୍ରଦର୍ଶିତ କରାଗଲା। ଏହି ଦୃଶ୍ୟ ଗୁଡ଼ିକ ଆଗରୁ ବି ବିଭିନ୍ନ ନ୍ୟୁଜ୍ ଚାନେଲରେ ପ୍ରସାରିତ ହୋଇ ସାରିଛି। ଦୋଷୀ ଡାକ୍ତର ମାନଙ୍କ ବିରୋଧରେ କେଶ୍ ଦାୟର କରାଯାଇଥିଲେ ବି କୌଣସି ଉଚିତ ପଦକ୍ଷେପ ନିଆଯାଇନାହିଁ। ଶୁଣିବାକୁ ମିଳିଛି ଯେ ଷ୍ଟିଙ୍ଗ୍ ଅପରେସନ୍ କରିଥିବା ପତ୍ରକାରମାନଙ୍କ ଉପରେ ଓଲଟା କେଶ୍ ଫାଇଲ୍ କରାଯାଇଥିଲା। ଯାହାଫଳରେ ସେମାନେ ଆଜିଯାଏଁ କୋର୍ଟ୍ କଚେରୀକୁ ଦୌଡୁଛନ୍ତି। ଏହି କାର୍ଯ୍ୟକ୍ରମ ପ୍ରସାର ହେବାପରେ ପ୍ରଶାସନ ତରଫରୁ ପୁଣିଥରେ ତତ୍ପରତା ଦେଖା ଦେଇଛି ଏବଂ ପୂର୍ବ କେଶ୍ ଗୁଡ଼ିକ ଉପରେ ତଦନ୍ତ ଆରମ୍ଭ ହୋଇଯାଇଛି। ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଅଶୋକ ଗହଲୋତ୍ ଏହି କାର୍ଯ୍ୟକ୍ରମରେ ପ୍ରଭାବିତ ହୋଇ ଅମୀରଖାନଙ୍କୁ ସାଦର ନିମନ୍ତ୍ରଣ କରି ରାଜସ୍ଥାନ ହାଇକୋର୍ଟର ପ୍ରଧାନ ବିଚାରପତିଙ୍କ ସହିତ ଆଲୋଚନା କରାଇଲେ। ରାଜ୍ୟରେ କନ୍ୟା ଭୃଣ ହତ୍ୟା କେଶ୍ ଗୁଡ଼ିକୁ ସ୍ବତନ୍ତ୍ର ଭାବରେ ବିଚାର କରିବାପାଇଁ କେତେକ ଫାଷ୍ଟଟ୍ରାକ୍ କୋର୍ଟ୍ ଗଠନ କରିବାପାଇଁ ପରାମର୍ଶ ଦେଲେ। ପ୍ରଧାନ ବିଚାରପତି ତୁରନ୍ତ ଏହି ପ୍ରସ୍ତାବରେ ରାଜି ହୋଇଗଲେ। ପରିଣତି କଅଣ ହେବ ସେ କଥା ସମୟ ହିଁ କହିବ।

ଆମେ କିନ୍ତୁ ଏଇଠି ବିଚାର କରିବାକୁ ଚାହୁଁଛୁ - 'ସତ୍ୟମେବ ଜୟତେ' କାର୍ଯ୍ୟକ୍ରମରେ ଦର୍ଶାଯାଇଥିବା କାରଣ ଗୁଡ଼ିକ ହିଁ ସତରେ କ'ଣ କନ୍ୟା ଭୃଣ ହତ୍ୟାପାଇଁ ଦାୟୀ ? ଆମ ମତରେ ନାହିଁ। କାରଣ ଗୋଟିଏ ରୁଗ୍ଣ ଗଛର ମୂଳ ମାଟିରେ ରହିଥିବା ବିଷାଣୁକୁ ନ ମାରି, ଡାଳ, ପତ୍ର କାଟି ସଫାକରିଦେଲେ ଗଛଟି ନିରୋଗୀ ହୋଇପାରିବ ନାହିଁ। କାର୍ଯ୍ୟକ୍ରମରେ ଏହି ସମସ୍ୟାର ମୁଖ୍ୟ କାରଣ ଉପରେ କୌଣସି ଚର୍ଚ୍ଚା ହୋଇନାହିଁ। ମୁଖ୍ୟ କାରଣ କ'ଣ? ଏହାର ସମାଧାନ କିପରି ସମ୍ଭବ? ଆଲୋଚନାର ପରିସର ବାହାରେ ରହିଯାଇଛି।

ଆମର ପ୍ରଶ୍ନ ହେଉଛି - କେବଳ ପୁତ୍ର ପ୍ରାପ୍ତ କରିବାପାଇଁ ସମସ୍ତେ କାହିଁକି ଗୁରୁତ୍ବ ଦିଅନ୍ତି? ରାଜାମହାରାଜା ମାନଙ୍କୁ ପୁତ୍ରେଷ୍ଟି ଯଜ୍ଞ କରିବା ପାଇଁ କିଏ ପ୍ରେରଣା ଦେଇଥିଲା? ପୁତ୍ରହୀନ ବ୍ୟକ୍ତିର

ଗତି-ମୁକ୍ତି ନାହିଁ ବୋଲି କିଏ କହିଛି ? ମୃତ ବ୍ୟକ୍ତିର ଚିତାରେ କେବଳ ପୁତ୍ରହିଁ ଅଗ୍ନି ସଂଯୋଗ କରିବାର ନିୟମ କିଏ କରିଛି ? ଇତ୍ୟାଦି ପ୍ରଶ୍ନ ଉକ୍ତ କାର୍ଯ୍ୟକ୍ରମରେ ଉଠି ନାହିଁ। ବରଂ କିଛିଜଣ ପୀଡ଼ିତ ମହିଳାଙ୍କ ମାଧ୍ୟମରେ ଘଟଣାକୁ ଅତିରଞ୍ଜିତ କରି ସମ୍ବେଦନଶୀଳ ରୂପ ଦିଆଯାଇଛି। ଦର୍ଶକମାନେ ଭାବବିହ୍ବଳ ହୋଇ ଅମୀରଖାନଙ୍କୁ ଭୂରି ଭୂରି ପ୍ରଶଂସା କରିଛନ୍ତି।

ଅସଲ ସମସ୍ୟା ରହିଛି ଆମର ତଥାକଥିତ ଧର୍ମ ଓ ସଂସ୍କୃତି ଭିତରେ। ଆମର ବେଦ, ପୁରାଣ, ରାମାୟଣ, ମହାଭାରତ ସମସ୍ତ ଧର୍ମଗ୍ରନ୍ଥରେ ପୁତ୍ର କାମନାକୁ ବିଶେଷ ଭାବରେ ଗୁରୁତ୍ବ ଦିଆଯାଇଛି। ସେହି ସମୟରୁ ପ୍ରତ୍ୟେକ ପୀଢ଼ିର ଲୋକମାନଙ୍କ ମନରେ ଏକ ବଦ୍ଧମୂଳ ଧାରଣା ରହିଆସିଛି ଯେ ଘରେ ପୁତ୍ର ସନ୍ତାନ ଜନ୍ମ ହେବା ଏକାନ୍ତଭାବେ ଆବଶ୍ୟକ।

ଅଥର୍ବ ବେଦରେ କନ୍ୟା ପରିବର୍ତ୍ତେ ପୁତ୍ରର କାମନା ଉଲ୍ଲେଖ ଅଛି। ଋଗବେଦରେ ବି ୟମୀ ତାଙ୍କ ସ୍ବାମୀ ୟମକୁ କହିଛନ୍ତି - ତୁମ ଦ୍ବାରା ମୋ ଗର୍ଭରୁ ଯେଉଁ ପୁତ୍ର ସନ୍ତାନ ଜନ୍ମ ଗ୍ରହଣ କରିବ, ସେ ଆମର ପିତାଙ୍କର ଶ୍ରେଷ୍ଠ ନାତି ହେବ। ମହାଭାରତରେ ପାଣ୍ଡୁ କୁନ୍ତୀଙ୍କୁ କହିଛନ୍ତି - ଋଷିଙ୍କ ଅଭିଶାପ ଯୋଗୁଁ ମୁଁ ସ୍ତ୍ରୀ ସଙ୍ଗମ କରି ପାରିବି ନାହିଁ, ତେଣୁ ତୁମେ 'ଆପଦ୍ଧର୍ମ' (ବିପଦ କାଳେ ପାଳନ କରାଯାଉଥିଲା ବିଧି ବା ଧର୍ମ) ପାଳନ କରି ମୋ ସମାନ କିମ୍ବା ମୋ ଠାରୁ କୌଣସି ଶ୍ରେଷ୍ଠ ପୁରୁଷଠାରୁ ସନ୍ତାନ ଉତ୍ପନ୍ନ କର। ପଞ୍ଚୁପାଣ୍ଡବଙ୍କ ଜନ୍ମ ବୃତାନ୍ତ ପ୍ରାୟ ସମସ୍ତେ ଜାଣନ୍ତି ତେଣୁ ଉଲ୍ଲେଖ କରିବା ଅନାବଶ୍ୟକ।

ସେହିଭଳି ରାମାୟଣରେ ରାଜା ଦଶରଥଙ୍କ ସନ୍ତାନ ନଥିବାରୁ ସେ ମୁନିଋଷିମାନଙ୍କୁ ଡକାଇ ପୁତ୍ରେଷ୍ଟି ୟଜ୍ଞ କରିବାକୁ ପ୍ରସ୍ତାବ ଦେଇଥିଲେ। ଶେଷରେ ଋଷ୍ୟଶୃଙ୍ଗ ଏହି ୟଜ୍ଞ ସମାପନ କରିଥିଲେ। ୟଜ୍ଞରୁ ଜାତ ଖିରୀ ଖାଇ ତିନିରାଣୀ କିଭଳି ଚାରି ପୁତ୍ରଙ୍କୁ ଜନ୍ମ ଦେଇଥିଲେ ସେ କଥା ବି ସଭିଏଁ ଜାଣନ୍ତି।

ଉପରୋକ୍ତ ଦୁଇଟି ୟାକ ପ୍ରସଙ୍ଗ ସନ୍ତାନ ଉତ୍ପତ୍ତି ପାଇଁ ବିଜ୍ଞାନ ସମ୍ମତ ଓ ତର୍କ ସଂଗତ ପଦ୍ଧତି ନ ହେଲେ ବି ଆମେ ସେଥିପାଇଁ ଯୁକ୍ତି କରିବାକୁ ଉଚିତ ମନେ କରୁନାହୁଁ। କାରଣ ଏଠି କେବଳ କନ୍ୟା ପ୍ରସଙ୍ଗରେ ଆଲୋଚନା ହେଉଛି। ରାମାୟଣ ଯୁଗରେ ବି କନ୍ୟାର ମହତ୍ତ୍ବ ନଥିଲା। ସେଥିପାଇଁ ସୀତାକୁ ମାଟିତଳୁ ଉଦ୍ଧାର କରାଯାଇଥିବା କଥା ଲେଖାଯାଇଛି। ସେତେବେଳେ ବି ଅବାଞ୍ଛିତ କନ୍ୟାକୁ ମାଟିତଳେ ପୋତି ଦିଆଯାଉଥିଲା। ମନୁ ମଧ୍ୟ ଲେଖିଛନ୍ତି, ଯେଉଁ ସ୍ତ୍ରୀ ପୁତ୍ର ସନ୍ତାନ ଜନ୍ମ କରିବାକୁ ଅକ୍ଷମ, ସେ ଭଳି ସ୍ତ୍ରୀକୁ ପୁରୁଷ ତ୍ୟାଗ କରିଦେଇ ପାରେ। ସେ ଆହୁରି ଏକ

ନିର୍ଦ୍ଦେଶ ଦେଇଛନ୍ତି ଯେ ସ୍ତ୍ରୀ ଠାରୁ ପୁତ୍ର ଉତ୍ପନ୍ନ କରିବାପାଇଁ 'ନିୟୋଗ' ପ୍ରଥା ପାଳନ କରାଯାଇପାରେ। ଅର୍ଥାତ୍ ପରପୁରୁଷ ସହ ସଂଭୋଗ କରିବା ପାଇଁ ସ୍ତ୍ରୀର ସ୍ବାମୀ ସହମତି ପ୍ରଦାନ କରିପାରିବ। ପରପୁରୁଷ ସହ ସଂଭୋଗକରି କନ୍ୟା ଜନ୍ମ ହେଲେ ତାକୁ କ'ଣ କରାଯାଉଥିଲା, ସେ କଥା କେଉଁଠି ଉଲ୍ଲେଖ ନାହିଁ। ସମସ୍ତେ ଯଦି କେବଳ ପୁତ୍ର କାମନା କରୁଥିଲେ ତେବେ ପୁତ୍ରକୁ ଜନ୍ମ ଦେବାପାଇଁ ସ୍ତ୍ରୀ ଗୁଡ଼ିକ କେଉଁଠୁ ଆସୁଥିଲେ ? ଜଣେ ପୁରୁଷ ଏକାଧିକ ସ୍ତ୍ରୀ କେଉଁଠୁ ପାଉଥିଲା ? ସେତେବେଳେ ହୁଏତ କନ୍ୟା ସନ୍ତାନ ଅବାଞ୍ଛିତ ହେଲେ ବି ପାଳନ ପୋଷଣ କରି ବଞ୍ଚିବାର ସୁଯୋଗ ଦିଆଯାଉଥିଲା। ଆଜି ଭଳି ନାଳ, ନର୍ଦ୍ଦମାରେ ଶିଶୁକନ୍ୟାକୁ ମରିବାପାଇଁ ଫିଙ୍ଗି ଦିଆଯାଉନଥିଲା। କିନ୍ତୁ କୌଣସି ଶାସ୍ତ୍ରରେ କନ୍ୟାପ୍ରାପ୍ତି ପାଇଁ ଯଜ୍ଞ ଅନୁଷ୍ଠାନ କରାଯାଇଥିବା କଥା ଉଲ୍ଲେଖ ନାହିଁ। ଏଇଥିରୁ ସ୍ପଷ୍ଟ ହେଉଛି ଯେ କନ୍ୟା ଭ୍ରୂଣ ହତ୍ୟାର ମୂଳ କାରଣ ପୁତ୍ର ପ୍ରାପ୍ତିଦ୍ବାରା ସଦ୍‌ଗତି ପ୍ରାପ୍ତ ହେବା।

ଟିଭି ସିରିୟଲ୍ ମାନଙ୍କରେ ନାରୀ ଉପରେ ହେଉଥିବା ନିର୍ଯ୍ୟାତନାର ବିଭିନ୍ନ ଘଟଣାକୁ ଅତିରଞ୍ଜିତ କରି ପ୍ରସ୍ତୁତ କରାଯାଉଛି କିନ୍ତୁ ଏହି ସମସ୍ୟାର ଅସଲ କାରଣ ଗୁଡ଼ିକ ଉପରେ କେହି ବିଚାର କରିନାହାନ୍ତି।

ପ୍ରତ୍ୟେକ ହିନ୍ଦୁଘରେ ହୁଏତ ଧର୍ମ ଶାସ୍ତ୍ର ଓ ପୁରାଣ ଥାଇ ନପାରେ। କିନ୍ତୁ ଶାସ୍ତ୍ରରେ ନାରୀ ପ୍ରତି ଉଲ୍ଲେଖ ଥିବା ଆଦେଶ ନିର୍ଦ୍ଦେଶକୁ ସମସ୍ତ ପଣ୍ଡିତ, ପୁରୋହିତ, ସାଧୁସନ୍ଥମାନେ ବାରମ୍ବାର ଉଦ୍ଧୃତ କରି ପ୍ରବଚନ ମାଧ୍ୟମରେ ପ୍ରଚାର କରିଥାନ୍ତି। ଧର୍ମଗ୍ରନ୍ଥକୁ ପୂଜା କରୁଥିବା ଶିକ୍ଷିତ ବୁଦ୍ଧିଜୀବିମାନଙ୍କୁ ଆମର ବିନମ୍ର ନିବେଦନ ଯେ ଧର୍ମଶାସ୍ତ୍ର ପ୍ରଣେତାମାନଙ୍କର ନାରୀପ୍ରତି ଏଭଳି ବିରୋଧାଭାସ ମନୋଭାବ କାହିଁକି ସେ ବିଷୟରେ ବିଚାର କରନ୍ତୁ।

କନ୍ୟା ଭ୍ରୂଣ ହତ୍ୟା ସହର ମାନଙ୍କରେ ଯେତିକି ହେଉଛି, ଗାଆଁ ଗହଳରେ ସେତିକି ନାହିଁ। କାରଣ ବେସରକାରୀ ନର୍ସିଂ ହୋମ୍ କେବଳ ସହରରେ ହିଁ ରହିଛି ଏବଂ ଷ୍ଟିଙ୍ଗ୍ ଅପରେସନ ବି ସେଇ ଯାଗା ମାନଙ୍କରେ ହେଉଥିଲା। ଯେଉଁଠି ସଭ୍ୟ ଓ ଶିକ୍ଷିତ ପରିବାରର ଯୁବତୀ ବା ସ୍ତ୍ରୀମାନେ ଭ୍ରୂଣକୁ ପରୀକ୍ଷା କରି କନ୍ୟାଭ୍ରୂଣକୁ ଅବାଞ୍ଛିତ ଭାବି ନଷ୍ଟ କରିବାକୁ ଦୌଡ଼ି ଯାଉଛନ୍ତି। ଚିନ୍ତାର ବିଷୟ ହେଉଛି ଯେ ଆଜିର ଯୁଗରେ ବି ଶିକ୍ଷିତ ଲୋକମାନେ କେବଳ ପୁତ୍ର କାମନା କାହିଁକି କରୁଛନ୍ତି ? କାରଣ ପୁତ୍ର ହିଁ ବଂଶ ରକ୍ଷା କରିବ, ପୁତ୍ର ହିଁ ସମ୍ପତ୍ତିର ଉତ୍ତରାଧିକାରୀ ହେବ, ପୁତ୍ର ହିଁ ସ୍ବର୍ଗରେ ପହଞ୍ଚେଇ ଦେବ ଆଦି ଅବଧାରଣା ସେମାନଙ୍କ ମନରେ ବସାବାନ୍ଧି ରହିଛି। ଯେଉଁ ଶିକ୍ଷିତ ଯୁବକ

ଯୁବତୀ ଧର୍ମଶାସ୍ତ୍ର ପଢ଼ିନାହାନ୍ତି ସେମାନଙ୍କ ପାଇଁ ଆଜି ଇଣ୍ଟରନେଟରେ ମତିଭ୍ରମ କରୁଥିବା, 'ପୁତ୍ର ସନ୍ତାନ ଉତ୍ପନ୍ନ କରିବା ଉପାୟ' ମାନ ପଢ଼ିବାକୁ ସହଜରେ ମିଳି ଯାଉଛି।

ଆମ ଦେଶରେ ପ୍ରତିବର୍ଷ ଲକ୍ଷ ଲକ୍ଷ କନ୍ୟା ଗର୍ଭରେ ହିଁ ନଷ୍ଟ କରି ଦିଆଯାଉଛି କିମ୍ବା ଜନ୍ମ ହେବାପରେ ନାଳ, ନର୍ଦ୍ଦମାରେ ଫୋପାଡ଼ି ଦିଆଯାଉଛି, କିମ୍ବା ବଡ଼ ହେଲେ ସେମାନଙ୍କୁ ଯୌନଶୋଷଣ ଓ ଦେହବ୍ୟାପାର ପରି ଘୃଣ୍ୟ ବ୍ୟବସାୟରେ ଲିପ୍ତ କରାଯାଉଛି। ସେଥିପାଇଁ ଗତ ଜନଗଣନା ଅନୁସାରେ ସ୍ତ୍ରୀମାନଙ୍କ ସଂଖ୍ୟା ପୁରୁଷ ମାନଙ୍କ ତୁଳନାରେ ବହୁ ପରିମାଣରେ କମ ହୋଇଯାଇଛି। ଆଜିର ଦାବୀ ହେଉଛି ଜନତାଙ୍କୁ ଧାର୍ମିକ ଅନ୍ଧବିଶ୍ବାସୀ ମାନସିକତାରୁ ମୁକ୍ତ କରି ବୁଝାଇବାକୁ ହେବ ଯେ ପୁଅ ଓ ଝିଅ ଉଭୟଙ୍କର ମୂଲ୍ୟ ସମାନ। ବଂଶ ବୃଦ୍ଧି ପାଇଁ ଉଭୟଙ୍କ ଆବଶ୍ୟକତା ରହିଛି। କାଳ୍ପନିକ ସ୍ବର୍ଗପ୍ରାପ୍ତିର ମୋହ ଯୋଗୁଁ ବର୍ତ୍ତମାନର ଜୀବନକୁ କଷ୍ଟମୟ କରାନଯାଉ।

ଆପଣଙ୍କର ଲେଖା ଆମକୁ ଯେକୌଣସି ମାସର ୨୫ ତାରିଖ ସୁଦ୍ଧା ମିଳିଲେ ତାହା ଆଗାମୀ ମାସର ସଂସ୍କରଣରେ ପ୍ରକାଶିତ ହୋଇପାରିବ ।

ସମ୍ପୂର୍ଣ୍ଣ ମୌଳିକ, ଏବଂ କେବଳ ଓଡ଼ିଆରେ ଲିଖିତ କୃତିମାନଙ୍କୁ ହିଁ ପ୍ରକାଶିତ କରାଯିବ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

www.aahwaan.com

# ଗାଈର ଆତ୍ମକଥା



ପ୍ରିୟରଞ୍ଜନ ଦାଶ

ମୁଁ ବାରବୁଲି ଛତରୀଟେ
ଭାରି ଉଲିଆ,
ସକାଳରୁ ସଞ୍ଜଯାଏଁ
ନାମ ଦିଏ ଏଠି ସେଠି,
ଛାଡ଼ା ଦିନ
ଭାରି ଭଲଲାଗେ
ଛାଡ଼ ପଣିଆ;
ଲାଗେ ମୁକ୍ତି
ଗଣତନ୍ତ୍ରିଆ।

ଘାସ ଭଲ ଲାଗେ
କଅଁଳ ଶାଗ, କଞ୍ଚା ବାଉଁଶ ପତର
ବନ୍ଧା ଦିନେ କିନ୍ତୁ ମିଳେ
କୁଟା କି ତୋରାଣୀ,
ସେଥିପାଇଁ ମହୁତୀ ଦଉଡ଼ି କାଳ,
କାଳ ଲାଗେ ମୁଗୁର ଓ କିଳା;
ଭାରି ଖୋଜେ କେନାଲ୍ ଆଡ଼େ, ରହଣିଆ ପଦା
ଦାସ ଘର ପାଟ ଆଉ ଜେନାଘର ଫୁଲ,
ହେଲେ ବନ୍ଦିନୀର ବା କି ଆତ୍ମକଥା !
ଗୃହ ପାଳିତ ପଶୁକହି
ମଣିଷ ନେଲାଣି ତ କେବେଠୁଁ ରେ
ପେଟେଣ୍ଟ ଆମର,
ବନ୍ଦିନୀର ଆତ୍ମକଥା ବାସିପାରେ
ମାଓବାଦିଆ
ଆରମ୍ଭ ହୋଇପାରେ ଅପରେସନ
ଭଳିକି ଭଳିଆ ।

ମୁଁ କାଳେ ପବିତ୍ର
ଗୋମାତା ହିନ୍ଦୁ ସମାଜର
ହେଲେ ମୋ କୋଳକୁ ଦେଖ
ତିନୋଟି ଛୁଆର ମା'ଆ ମୁଁ
ଦେଖି ନାହିଁ କେବେ
ବାପା କେ କାହାର
କେମିତିକା ତାଙ୍କ
ରୂପ ରଙ୍ଗ ଛଟା।
ବାରି ମୁଁ ପାରୁନି କା'ର
ଉଷ୍ଣ ନିଶ୍ବାସ, ଅବୁଝା ପଣିଆ;
ଭାରି ମନହୁଏ
ଆସନ୍ତା କି କେହି କେବେ
କରିବାକୁ କ୍ଷତ
ମୋ ଗରମ ଦେହର।

ଏଇ କାଲିର କଥା
ପଡ଼ିଶା ଘର ବାଡ଼ି ପଟେ
ମୁହଁ ଟିକେ ବୁଲେଇଦେଲି ବୋଲି
ହେଇ ଦେହ ସାରା ଗଜା,
ଆଜିର କଥା
ପଘା ଫିଟି ପୁଅ ମୋର
ମୁହଁ ଟିକେ ବୁଲିଦେଲା ବୋଲି
ଦେଖିନି ତା ମୁହଁ ହେଇ
ସଞ୍ଜ ନଇଁଲାଣି।
ମିଛ ଲାଗେ ମିଛୁଆ ଗୋପାଳ କଥା
ବଇଁଶୀର ସ୍ବନ ଆଉ
ଆମ ପ୍ରତି ପ୍ରୀତି ପସରାର କଥା।

କୁହ କେହି ସ୍ନେହର ମୂଲ୍ୟ କେତେ,
ଦୁଧ ମୂଲ କେତେ ?
ମୋ ପାଇଁ କିନ୍ତୁ ସତ
ବହୁ ନେତା, ଯୁବ ନେତା।
ମୁଁ ଲୋଭର ପଥର ଖଣି
ରକ୍ତର ପାହାଡ଼ ନିୟମ ଗିରି
ମୋ ଦେହରେ ଲୁଚିଅଛି
ଟେଙ୍କି ମଶା ଡାଆଁଶର
ରକ୍ତ ପିପାସା।

# ଆମ ସହରର ହାଲଚାଲ୍



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସେଦିନ ସନ୍ଧ୍ୟାରେ ବଜାରରୁ ସଉଦାସାମଗ୍ରୀ ନେଇ ଫେରୁଥିବା ବାଟରେ ହଠାତ୍ ଭେଟ ହୋଇଗଲେ ଶ୍ରୀଯୁକ୍ତ ଦାସ। ଅବଶ୍ୟ ଜଣେ ଅମାୟିକ ବ୍ୟକ୍ତିତ୍ୱର ଅଧିକାରୀ ଶ୍ରୀଦାସ କିନ୍ତୁ ଆଜିକାଲି ଅନ୍ୟଏକ ନାମରେ ପ୍ରସିଦ୍ଧ। କନ୍‌ୱେ ଦାସ ଭାବରେ। ଏମିତିକା ଏକ ନାଁ କାହିଁକି ଦିଆଗଲା ଅନେକେ ବୁଝିପାରୁନଥିବେ ନିସନ୍ଦେହ। ତେଣୁ ସଂକ୍ଷିପ୍ତରେ କହିଦିଏ ଏହି ମହାଶୟ କନ୍‌ୱେ ନାମକ ଏକ ବ୍ୟବସାୟିକ ସଂସ୍ଥାର ସାମଗ୍ରୀର ବ୍ୟକ୍ତିଗତ ବିକ୍ରେତା। ଚେୟାନ୍ ମାର୍କେଟିଂ ବୋଲି ମଧ୍ୟ କୁହାଯାଏ ସଂପୃକ୍ତ ବ୍ୟବସାୟକୁ। ଜଣେ ଆଉ ଦୁଇ ଜଣକୁ ବିକିଲେ କମିସନ୍। ବାସ୍ ସେଇ ନ୍ୟାୟରେ ଶ୍ରୀଦାସ ଅନେକ ଅର୍ଥକାଳେ ପାଉଛନ୍ତି ବୋଲି ସେ ନିଜେ ହିଁ କହନ୍ତି। କଥାସ୍ଥଳରେ କହିବେ ଆଜ୍ଞା ଆପଣ ଥରେ ଆମ ମିଟିଂକୁ ଆସନ୍ତୁ ଦେଖିବେ କେତେ ବଡ଼ ବଡ଼ ଲୋକ ଅଛନ୍ତି। କିଏ ଡାଇମଣ୍ଡ ତ କିଏ ଗୋଲ୍ଡେନ ପଦବୀ ପାଇଗଲେଣି। ଇତ୍ୟାଦି ଇତ୍ୟାଦି। ଶ୍ରୀଦାସଙ୍କୁ ଦେଖିଲେ ଅନେକ ଲୋକ ବାଟ ଭାଙ୍ଗି ଚାଲିଯାଆନ୍ତି। ଦାସବାବୁଙ୍କ କଥା କହିବା ଶୈଳୀ ସମ୍ପୂର୍ଣ୍ଣ ନିଆରା। ଅକାଳେ ସକାଳେ କୋଉଠି ଦେଖାହୋଇଗଲେ କିଏ ଭଲମନ୍ଦ ପଚାରେ କିନ୍ତୁ ଆମ ଦାସବାବୁ ପଚାରିବେ, ଆଉ ଖାଲି ସମୟରେ କଣ କରୁଛନ୍ତି ? କାହିଁକି ଘରେ ବସି ସମୟ ନଷ୍ଟ କରୁଛନ୍ତି ? କନ୍‌ୱେ ମିଟିଂକୁ ଆସନ୍ତୁ ଦେଖିବେ କେମିତି ଖାଲି ସମୟରେ ବସି ବସି ଆପଣ ଘରେ ଥାଇ ଟଙ୍କା ରୋଜଗାର କରିବେ। ଏମିତି ବାକ୍ୟବାଣ ସବୁ ଶୁଣି ଶୁଣି ଅନେକ ଘାଇଲା ହୋଇଯାଆନ୍ତି, କେତେଜଣ କୃତ୍ରିମ ହସ ଦେଖାନ୍ତି ତ ଆଉ କେଇଜଣ କାମ ଅଛି ପରେ କଥାହେବା କହି ଚାଲି ଯାଆନ୍ତି।

ଆଜି ସନ୍ଧ୍ୟାରେ ବୋଧହୁଏ ରମେଶର ବେଳା ଖରାପ ଥିଲା। ରାତି ଢେର ହେଲାଣି ଘରକୁ ଗଲେ ତେଣେ ରୋଷେଇବାସ କରିବା ସମ୍ଭବ ହେବନି ବୋଲି ଭାବି ହୋଟେଲରୁ କିଛି କିଣିବା ପାଇଁ ପଶିଥିବା ବେଳେ ଦେଖାହୋଇଗଲେ ଶ୍ରୀଦାସ। ନିଜର ଅର୍ଡର ଦିଆଯାଇଥିବା ଖାଦ୍ୟସବୁ ପ୍ୟାକିଂ ହୋଇ ଆସିବା ଭିତରେ ଶ୍ରୀଦାସ ନିଜ ଚିରାଚରିତ ଢଙ୍ଗରେ କହିଗଲେ କନ୍‌ୱେର ଗୁଣଗାରିମା। କହିଲେ ଆମେ ନିତି ମିଟିଂ ଏଟେଣ୍ଡ କରୁଛୁ, ଆଉ ରାତିରେ ହୋଟେଲରୁ ନେଇ ଯାଉଛୁ। ଜମା ସମୟ ନାହିଁ। ଆପଣ ଆଗାମୀ ରବିବାର କଣ କରୁଛନ୍ତି ? ଆସନ୍ତୁ ହୋଟେଲ୍ ମୋତିରେ ମିଟିଂ ଅଛି। ଅମୁକ ଲୋକ ଆସୁଛନ୍ତି। ସେ ଏବେ ଡାଇମଣ୍ଡ ଆମ୍ବାସଡ଼ର୍ ହେଲେଣି। ମାସକୁ ଦି ଲକ୍ଷ ପାଉଛନ୍ତି। ଆସନ୍ତୁ ତାଙ୍କ କଥା ଶୁଣିଲେ ଆପଣ ନିଶ୍ଚେ ଇନ୍‌ସ୍ପାଇରଡ୍ ହେବେ। ଏମିତି କଥାହେଉ ହେଉ ସୌଭାଗ୍ୟକୁ ରମେଶର ପ୍ୟାକେଟ୍ ଚାଲିଆସିଲା। ସେ ତରବରରେ ସେଠାରୁ ବାହାରୁଥିବା ବେଳେ ଶ୍ରୀଦାସ ପଛରୁ କହୁଥିଲେ ଆଉ ଦିନେ ବସିବା ମୁଁ ଆପଣଙ୍କୁ ଆଉ କେତେଟା ନୂଆ ପ୍ରଡ଼କ୍ଟ ଆସିଛି ଦେଖେଇବି। ମ୍ୟାଡ଼ମ୍ ବି କରିପାରିବେ ପାର୍ଟଟାଇମ୍।

ଯେମିତିସେମିତି କରି ରମେଶ ଅଣନିଃଶ୍ବାସୀ ହୋଇ ସେଇଠୁ ଚାଲିଆସିଲା। ହୋଟେଲ୍ ବାହାରକୁ ଆସିବାପରେ ଶ୍ରୀମତିଙ୍କ ଉପରେ ରାଗିଲା। କହିଲା କଣ ଦରକାର ଥିଲା ସେ ଲୋକ ସହ କଥା ହେବାପାଇଁ ? ଶ୍ରୀମତି କହିଲେ, ମୁଁ କି କଥା ହେଇଛି ସେ ତ ଉପରେ ପଡ଼ି କଥା ହେଲେ। ସେ ଯା'ହେଉ ସନ୍ଧ୍ୟାର ମଜାଟା କିଛି କ୍ଷଣପାଇଁ ଅଲଣା ଲାଗିଥିଲା। ହେଲେ ପରମୁହୂର୍ତ୍ତରେ ସବୁ ସାମାନ୍ୟ ହୋଇଗଲା।

ସେ ଘଟଣା ଘଟିବାର ଦୁଇ ସପ୍ତାହ ବିତିଗଲାଣି। ଏବେ ବି ବାଟଘାଟରେ ଶ୍ରୀଦାସ ଦେଖାହେଲେ ରମେଶ ସେଠାରୁ ବିଦାୟ ନେଇ ଚାଲିଆସେ, ଆଉ ସବୁବେଳେ ଶ୍ରୀଦାସ କହନ୍ତି ମୁଁ ଆସିବି ଦିନେ କଥାହେବା।

ସେଦିନ ସନ୍ଧ୍ୟାରେ ଅଫିସରୁ ଫେରି ରମେଶ ବୈଠକରେ ବସି ଚା' ଖାଉଥିବା ବେଳେ ଶ୍ରୀମତି ମନେ ପକେଇଦେଲେ ଯେ କାଲି ପୁଅର ସ୍କୁଲ୍ ଛୁଟି। ରମେଶ ବି ଜଣେଇ ଦେଲା ଯେ କାଲି ଅଫିସ ବି ଛୁଟି। ଶ୍ରୀମତି କହିଲେ ଚାଲ ଛୁଟିରେ ଦିନଟିଏ ପାଇଁ ନାନୀ ଘରଆଡ଼େ ଯାଇ ବୁଲି ଆସିବା। ରମେଶ କହିଲା ସବୁଦିନ ସକାଳୁ ସକାଳୁ ଉଠି ଉଠି ମୁଣ୍ଡ ଗରମ ହେଇଛି, କାଲି ମୁଁ ଶୋଇବି। ଦଶଟା ପୂର୍ବରୁ ମୋତେ ବ୍ରହ୍ମା ଆସିଲେ ବି ଉଠେଇବନି। ଯଦି ନାନୀ ଘରକୁ ଯିବାର ଅଛି କହିଲେ ବେଳ ବୁଡ଼ିଲା ବେଳକୁ ଯିବା। ହଉ କହି ଶ୍ରୀମତି ଚାଲିଗଲେ।

ଛୁଟି ଥାଉ କି ନଥାଉ ଶ୍ରୀମତି କିନ୍ତୁ ସକାଳୁ ସକାଳୁ ଉଠିପଡ଼ନ୍ତି ଆଉ ବଗିଚାରେ ଫୁଲଗଛରେ ପାଣି ଦିଅନ୍ତି। ରମେଶ ଶେଯରେ ଥାଇ ବାହାରର ସବୁ ଶବ୍ଦକୁ କାନେଇ ଥାଏ। ନିଦ ତ ନଥାଏ ହେଲେ ଶୀତଦିନେ ସକାଳୁ ସକାଳୁ ଶେଯଛାଡ଼ିବାକୁ ବା କାହିଁକି ସେ ଚାହିଁବ ? ଏଇ ସମୟରେ ଶ୍ରୀମତି ଘର ଭିତରକୁ ଝପଟି ଆସିଲେ, କିଛି ସମୟ ରମେଶ ପାଖରେ ଠିଆ ହେବାପରେ ଧିରେ ଧିରେ ହାତରେ ରମେଶକୁ ଉଠାଇବାକୁ ଚେଷ୍ଟା କଲେ। ରମେଶ ଆଖି ମଳିମଳି ଉଠି ପଚାରିଲା କଣ ହେଲା ? ଶ୍ରୀମତି ଧିରେ କହିଲେ ସେ ଆସିଛନ୍ତି ? ସେ ? କିଏ ସେ ? ଶ୍ରୀମତି ପୁଣି ଧିରେ କହିଲେ ସେଇ ଶ୍ରୀ ଦାସ। ଦାସ ବୋଲି ନାଁ ଶୁଣିବାପରେ ଚେଙ୍କ ଲାଗିଲାପରି ରମେଶ ଉଠି ବସିପଡ଼ିଲା। କହିଲା, ତୁମେ କହିଦେଲନି ସେ ଶୋଇଛନ୍ତି ବୋଲି, ପରେ ଆସିବା କଥା କହିଥାନ୍ତ ? ଶ୍ରୀମତି କହିଲେ ମୁଁ ବଗିଚାରେ ଫୁଲ ତୋଳୁଥିଲି ସେ ଆସି କେତେବେଳେ ସୋଫାରେ ବସିଛନ୍ତି ମୁଁ ଆଉ ଦେଖିନି। ରମେଶ ଚିହିଁକି ଉଠି କହିଲା, ତୁମେ ଏମିତି ବଗିଚା, ଫୁଲ ଆଉ ଠାକୁର ସେବାରେ ଲାଗିଥିବା ଘରେ ଚୋର ପଶି କଳାକନା ବୁଲେଇ ଦେବ। ଶ୍ରୀମତି କହିଲେ ଏବେ କଣ କରିବା କୁହ ? ରମେଶ ଅନ୍ୟଉପାୟ ନ ପାଇ ଶେଯରୁ ଉଠିଲା। ମନେ ମନେ ଭାବୁଥିଲା ବିଳମ୍ବକଲେ କାଳେ ଲୋକଟା ଚାଲିଯିବକି। ହେଲେ ସେ ବୈଠକରେ ବସି ଅର୍ଡର ଦେଉଥିଲା, କଣ ମ୍ୟାଡ଼େମ୍ ଚା କପଟେ ମିଳିବକି ?

ରମେଶ ଉଠି ଘଣ୍ଟା ଦେଖିଲାବେଳକୁ ସବୁ ସକାଳ ସାଢ଼େ ଛଅ ବାଜିଛି। ସେମିତିରେ ବି

ସେ ଏତେ ଶୀଘ୍ର କେବେ ଉଠେନି। ଆଜି ସକାଳୁ ସକାଳୁ ଗ୍ରହ ଜୁଟିଗଲା ବୋଲି ଭାବି ମୁହଁ ଧୋଇଦେଇ ଚାଲିଗଲା। ନମସ୍କାରଟିଏ ପକେଇ ବୈଠକରେ ବସିଲା। ଦାସ ବାବୁ ରମେଶର ମୁହଁକୁ ନିରେଖି କରି ଦେଖି କହିଲେ, 'ରମେଶବାବୁ ଆପଣଙ୍କ ମୁହଁରେ ବୟସର ଦାଗ ଦିଶିଲାଣି। ସ୍କିନ୍ ରେ ଫୋଲ୍‌ଡ ପଡ଼ିଲାଣି। ଏଥିପାଇଁ କିଛି ଉପାୟ କରୁଛନ୍ତି କି ନାହିଁ ?' ବିରକ୍ତିକର ପରିବେଶରେ ବି ନିଜର ଧୈର୍ଯ୍ୟର ପରିଚୟ ଦେଇ ସାମାନ୍ୟ ହସିଦେଇ ରମେଶ କହିଲା, 'ମୋ ପୁଅ ସ୍କୁଲ୍ ଗଲାଣି। ଆଉ କଣ ବାହାସାହା ହେବି ଯେ ବୁଢ଼ାକାଳକୁ ମେକପ୍ ନେବି ?' ଦାସ ବାବୁ କିଛି ସମୟ ନିରବ ହେଇଗଲେ ପୁଣି କହିଲେ, 'ଆପଣଙ୍କ ବୟସ କେତେ ଯେ ଏମିତି କଥା କହୁଛନ୍ତି ? ଏଇ ବୟସରେ ଲୋକ ବାହା ହୁଅନ୍ତି। ' ରମେଶ ହସିଲା ଆଉ କହିଲା, 'ହେଉଥିବେ, ମୁଁ ତ ଆଉ ହେବିନି ତେଣୁ ମେକପ୍ ନେବିନି। ' ଦାସ ବାବୁ ପୁରା ନଛୋଡ଼ବନ୍ଧା। ସେ କହିଲେ, 'ଓଃ ଆପଣଙ୍କୁ କିଏ ମେକପ୍ ନେବାକୁ କହୁଛି ? ଆମ କମ୍ପାନୀର ଗୋଟେ ପ୍ରଡ଼କ୍ଟ ଆସିଛି। ଆପଣ ମାତ୍ର ତିନିମାସ ଲଗେଇ ଦେଖନ୍ତୁ, ସ୍କିନ୍ ଯଦି ଗ୍ଲୋ କରିବନି ମୋତେ କହିବେ। ' ରମେଶ ଯୁକ୍ତି କରିବାକୁ ଚାହୁଁନଥିଲା, ଦାସବାବୁ ତାଙ୍କ ବ୍ୟାଗରୁ ଗୋଟେ କ୍ରିମ୍ ପରି ଜିନିଷ ବାହାର କରି ଟେବୁଲ ଉପରେ ଥୋଇଦେଇଥିଲେ। କହିଲେ, ଏଥିରେ ଅମୁକ ଭିଟାମିନ୍ ଅଛି, ସମୁକ ଭିଟାମିନ୍ ଅଛି, ଇତ୍ୟାଦି ଇତ୍ୟାଦି। ରମେଶ ଅନିଚ୍ଛା ସତ୍ତ୍ୱେ ସେଠି ମୂର୍ତ୍ତିପ୍ରାୟ ବସିଥିଲା। ଧନ୍ୟବାଦ ଦେବ ସେହି ସମୟରେ ଶ୍ରୀମତି ଚାହା ନେଇ ଆସିବାରୁ ଦାସ ବାବୁଙ୍କ କଥାରେ ବିରତି ଆସିଲା। ସେ ଚା କପରେ ଧ୍ୟାନ ଦେଇଥିବା ସମୟରେ ରମେଶର ବିକଳ ମୁହଁ ଦେଖି ଶ୍ରୀମତି ଦୁଃଖୀ ହୋଇଗଲେ।

ଚା'କପ୍ ସାରିଦେଇ ଦାସ ବାବୁ କହିଲେ, 'ଆଜି ଆପଣ କଣ କରୁଛନ୍ତି ?' ରମେଶ ମନେ ମନେ କିଛି ଭାବିଲା, ତା'କୁ ମନେ ପଡ଼ିଗଲା, ରବିବାର ମାନେ ମିଟିଂ, ଦାସ ଆଜି ନିଶ୍ଚୟ ମିଟିଂକୁ ଟାଣିବ, ତେଣୁ ସେ କହିଲେ, ଆଜି ଟିକେ ଗାଁ ଆଡ଼େ ଯିବି ବୋଲି ଭାବିଛି। ବିଲରେ ଚଣା ଲାଗିଛି, ବୁଝାବୁଝି କରି ଆସିବି। ଦାସର ମନ ଟିକେ ଫିକା ପଡ଼ିଗଲା, ସେ କହୁଥିଲେ, 'ଆଜି ଆମର ଗୋଟେ ବହୁତ୍ ଇମ୍ପର୍ଟାଣ୍ଟ ମିଟିଂ ଥିଲା। ଆପଣ ଆସିଥିଲେ ମୁଁ ବହୁତ ଖୁସି ହେଇଥାନ୍ତି। ଆପଣ ବିଶ୍ବାସ କରିବେନି, ଝିନା, ମୋ ସାନ ଝିଅ ମାତ୍ର ଛଅ ମାସରେ ଗୋଟେ ନୂଆ ରେକର୍ଡ୍ କରିଛି, ଆଜି ତାକୁ ପ୍ରାଇଜ୍ ମିଳିବ। ଆଉ ଛଅମାସ ପରେ ସେ କାର୍ ପାଇବ। ' ରମେଶ ପଚାରିଲା, 'ଆମ ଝିନା। ସେ ପରା ଏମ୍‌ବିଏ କରୁଥିଲା। ' ଦାସ ବାବୁ ହସିଦେଇ କହିଲେ, 'ଏମବିଏ କରି କଣ ପାଇବା ଆଜ୍ଞା। କାହା ପାଦତଳେ ଚାକର ହେବାକଥା। ଏବେ ସିଏ ଇଣ୍ଡିପେଣ୍ଡେଣ୍ଟ୍। ଆମ କମ୍ପାନୀର ସବୁଠୁ ଜୁନିୟର୍ ଆଚିଭର। ସେ ଯାହା ପାଇଛି ଅନ୍ୟମାନେ ତାହା ପାଇବାପାଇଁ ବର୍ଷ ବର୍ଷ ଲଗେଇ ଦିଅନ୍ତି। ଦେଖିବେ ସେ କୁଆଡ଼େ ଯିବ। ଆର ବର୍ଷ ତାକୁ ମୁଁ ଜର୍ମାନୀ ପଠେଇବି ଆମ କମ୍ପାନୀର ପ୍ରମୋଶନ ପାଇଁ। ସେଠି ସେ ନିଶ୍ଚୟ ଆୱାର୍ଡ୍ ପାଇ ଆସିବ। '

ରମେଶର ଧୈର୍ଯ୍ୟର ବନ୍ଧ ଭାଙ୍ଗିବା ପାଇଁ ଆଗଭର ହେଲାଣି।  ମନେ ମନେ ଭାବୁଥିଲା ସାଙ୍ଗ ନ ହୋଇଥିଲେ, କେତେବେଳୁ ଘରୁ ବାହାର୍ କରିଦେଇଥାନ୍ତି।  ଭଦ୍ରାମୀ ଦେଖାଇଲେ ମୁଣ୍ଡରେ ଚଢୁଚନ୍ତି ଲୋକ ଗୁଡ଼ାକ।  ଆରେ ବାବୁ ତୁମ ବିଜିନେସ୍ ତୁମ ପାଖରେ ରଖ।  ମୋତେ ଦରକାର୍ ନାହିଁ।  ମୁଁ ମୋ ଚାକିରୀ ଦରମାରେ ଖୁସିରେ ଅଛି।  ଏଇ ବାର ଦୁଆର ଶୁଣ୍ଢିପିଣ୍ଡା ହେବା ମୋତେ ଦରକାର୍ ନାହିଁ।  ତୁମ ଝିଅ ବୋହୁ ଆୱାର୍ଡ଼ ଜିତନ୍ତୁ ଆମକୁ ସେଥିରୁ ମିଳିବ କଣ ? ଆମ ଝିଅବୋହୁ ଆମ ଘରେ ଥିଲେ ଆମ ପାଇଁ ସେ କୋଟିଏ ଟଙ୍କା।  ମାଷ୍ଟ୍ରାଣୀ ହେଲେ ବି ମୋ ସ୍ତ୍ରୀ ଯାହା ଯେତେ ରୋଜଗାର କରୁଛି ସେତକ ଖର୍ଚ୍ଚ କରିବା ପାଇଁ ସମୟ ନାହିଁ, ତୁମେ ଭାଇ ଯାଅ।  ମୋତେ ତୁମ କମ୍ପାନୀ କମାଇ ଦର୍କାର ନାଇଁ।  ରମେଶ ମନରେ ଏମିତି ଭାବୁ ଭାବୁ ହଠାତ୍ ତା ମୋବାଇଲ୍ ବାଜି ଉଠିଲା।

ଏକେ ତ ସକାଳୁ ସକାଳୁ ନିଦ ଭାଙ୍ଗିଛି ବୋଲି ଦାସ ଉପରେ ସେ ବିରକ୍ତ ହେଉଥିଲା, ଉପରେ କିଏ ଫୋନ କଲା ବୋଲି ସେ ବିରକ୍ତ ହୋଇ ଦେଖିଲା ବେଳକୁ ଫୋନର ସ୍କ୍ରିନରେ ଶ୍ରୀମତିଙ୍କ ନାଁ।  ସେ ସେଇ ବିରକ୍ତ ଭାବରେ ଫୋନ୍ ଉଠେଇ କହିଲା, 'ଫୋନ୍ କରିବା କଣ ଦର୍କାର।  ସିଧା ଆସି କଥା ହେଇପାରୁନ ?' ସେପାଖରୁ ଶ୍ରୀମତି କହିଲେ, 'ଟିକେ ଶାନ୍ତ ହୁଅ, ଦାସ ବାବୁ କଣ ଜାଣିଛନ୍ତି ଯେ ଏଇଟା ମୁଁ ଫୋନ୍ କରିଚି ବୋଲି? ତୁମେ ଗାଁ ରୁ ଫୋନ୍ ଆସିଛି ବୋଲି ଭାବି କଥାହୁଏ। ' ରମେଶ ମନେ ମନେ ଶ୍ରୀମତିଙ୍କ ବୁଦ୍ଧିକୁ ତାରିଫ ନ କରି ରହି ପାରିଲା ନାହିଁ। ଉଚ୍ଚ ଗଳାରେ କହିଲା, 'କଣ ହେଲା? ବଳଦଟା ସକାଳୁ ଉଠୁନି ? ଚଷା କୁଆଡ଼େ ଗଲା।  ଆରେ ହେ, ମୁଁ ଦିନେ ନ ଗଲେ ତୁମେ ସବୁ ଜମିବାଡ଼ି ବୁଡ଼େଇ ଦେବ ଦେଖୁଛି।  ଥା ମୁଁ ଏଇନେ ବାହାରୁଛି। ' ରମେଶ ଠିଆ ହୋଇପଡ଼ିଲା।  କହିଲା, 'ଦାସବାବୁ କ୍ଷମାକରିବେ ଗାଁରୁ ଫୋନ୍ ଆସିଚି, ବଳଦ ଗୋଟାଏର ଦେହ ଖରାପ ଅଛି ମୋତେ ଏବେ ଯିବାକୁ ପଡ଼ିବ। ' ଦାସ ସେଇମିତି ବସି କହିଲା, 'କିଛି ଚିନ୍ତା କରନ୍ତୁ ନାହିଁ, ଆପଣ ନିଶ୍ଚିନ୍ତ ହୋଇ ଯାଆନ୍ତୁ।  ଆପଣ ଯାହା ହେଲେ ବି ବ୍ୟସ୍ତ ମଣିଷ। ମୁଁ ଭାଉଜଙ୍କୁ ନିମନ୍ତ୍ରଣ ଦେଇ ଦେଉଛି ଆଜିର ମିଟିଂ ପାଇଁ।  ଆପଣ ତ ଗାଁକୁ ପଳେଇବେ ଅନ୍ତତଃ ସେ ମିଟିଂ ଆଟେଣ୍ଡ୍ କରନ୍ତୁ। '

ରମେଶକୁ ଲାଗୁଥିଲା ତା କଥାଟା ତା'ଉପରେ ହିଁ ବୁମେରାଂ ହେଇଗଲା।  ସେ କଣ କରିବ ଭାବୁଥିଲା ବେଳେ ଶ୍ରୀମତି ଘର ଭିତରୁ ଆସି କହିଲେ, 'ଖରାବଢ଼ିଲେ ମୁଁ ତୁମ ସ୍କୁଟରରେ ବସି ଯାଇପାରିବିନି କହିଦେଉଛି।  ଶୀଘ୍ର ଯଦି ବାହାରିବ ତ ଗାଁକୁ ଯିବା, ନହେଲେ ତୁମେ ଗାଁକୁ ଯାଅ ମୁଁ ଭାଇଘର ଆଡ଼େ ଯାଇ ବୁଲି ଆସିବି।  ଅନେକ ଦିନ ହେଲା ଯାଇନି, ସେ ଡାକୁଥିଲା। ' ରମେଶ ଥତମତ ହେଇ କହୁଥିଲା, 'ନାଇଁ ନାଇଁ ଏଇକ୍ଷଣି ବାହାରିପଡ଼ ଗାଁକୁ ଯିବା।  ଘଣ୍ଟାଏର କଥା, ଖରା ନ ହେଉଣୁ ପହଞ୍ଚିଯିବାନି!!!' ଉଭୟ ଦାସ ବାବୁଙ୍କ ଆଡ଼କୁ ଅନେଇଲେ।  ସେ ନିଜ ବ୍ୟାଗର ଜିପର୍

ବନ୍ଦ କରି ଉଠୁ ଉଠୁ କହିଲେ, 'ହଉ ରମେଶ୍ ବାବୁ ଆପଣ ବ୍ୟସ୍ତ ଅଛନ୍ତି, ଆଉ ଦିନେ ଆସିବି। ଏଇ କ୍ରିମଟା ବ୍ୟବହାର କରି ଦେଖିବେ। ନିଶ୍ଚୟ ଭଲ ହେବ। ' ସେ ଚାଲିଯାଉଥିଲେ, ରମେଶ ପଛରୁ ଡାକି କହିଲା, 'ଦାସ ବାବୁ ଆପଣ ଏଇ କ୍ରିମ୍ ନିଜେ ଲଗାନ୍ତୁ, ଏତେ ଲୋକଙ୍କ ସହ ମିଶୁଛନ୍ତି, ମୁହଁରେ ଦାଗ ରହିଲେ ସୁନ୍ଦର ଲାଗିବନି। କ୍ରିମଟା ଆପଣ ନେଇ ଯାଆନ୍ତୁ। ଆଉ ଆରଥର ଯଦି ଘରକୁ ଆସିବେ ଦୟାକରି ମୋତେ ଫୋନ୍ କରି ପଚାରିବେ ଆଉ ଆସିବେ। ମୁଁ କାଳେ ଥିବି ନଥିବି ଆପଣ ହଇରାଣ ହେବେ। ' ଦାସ ବାବୁ ହସିଦେଇ କହିଲେ, 'ନିଶ୍ଚୟ ଆଜ୍ଞା। ଆପଣ ବ୍ୟସ୍ତ ଲୋକ। ମୁଁ ଫୋନ କରି ଆସିବି। ବେଟର୍ ହେବ ଏଇ ସକାଳୁଆ ପଳେଇ ଆସିବି। ଭାଉଜଙ୍କ ହାତରୁ ଚାହା ଟିକେ ମିଳିବ ଆଉ ଆମ କଥାବାର୍ତ୍ତା ବି ହେଇଯିବ। '

ରମେଶ ଆଉ ଧୈର୍ଯ୍ୟ ଧରି ରହିପାରିଲାନି, ହାତରେ ଧରିଥିବା ଫୋନ୍‌ଟା ସିଧା ଦାସବାବୁଙ୍କୁ ଲକ୍ଷ୍ୟକରି ଫୋପାଡ଼ି ଦେଲା। ହେଲେ ଫୋନଟା ତଳେ ପଡ଼ିବାପରେ ଝଣ୍‌ଝାଣ୍ ଶବ୍ଦ କଣ ହେଲା ବୋଲି ସେ ଚମକି ଉଠିଲା ବେଳକୁ ଟେବୁଲ୍ ପାଖରେ ଥିବା ଆଲାର୍ମ୍ ଘଣ୍ଟାଟା ଖଟରୁ ଅନତି ଦୂରରେ ପଡ଼ିଥିଲା, ରମେଶର ମୁହଁ ଝାଳରେ ଭର୍ତ୍ତି ହେଇଥିଲା। କବାଟ ସେପାଖରେ ଠିଆ ହୋଇ ଶ୍ରୀମତି ପଚାରୁଥିଲେ, କଣ ସ୍ବପ୍ନ ଦେଖୁଥିଲନା କଣ ? ଏତେ ବାଉଳିଚାଉଳି ହେଉଥିଲ, ଶେଷରେ ଘଣ୍ଟାଟା ଭାଙ୍ଗିଦେଲ? ରମେଶର ନିଦ ଭାଙ୍ଗିଯାଉଥିଲା, ସେ ବୈଠକଘର ଆଡ଼େ ନଜର ବୁଲେଇ ଆଣିଲା, ଝରକା ସେପାଖେ ଅନ୍ଧାର ଆହୁରିଥିଲା, ମଝିଘର କାନ୍ଥରେ ଲାଗିଥିବା ଘଣ୍ଟାରେ ସକାଳ ଛଅଟା ବାଜିଥିବାର ଦେଖାଯାଉଥିଲା। ସେ ନିଜ ମୁଣ୍ଡରୁ ଝାଳ ପୋଛିଦେଇ ପୁଣିଥରେ ଶୋଇଗଲା।

# କାଲିର ଅନ୍ବେଷଣ



ବିନୟ ମୋହନ ଦାସ

ଶୈଶବରୁ ଯାଇନାହିଁ କେବେ ଚାଟଶାଳୀ
ଦୂରରୁ ଦେଖିଆସିଛି ପିଲାଙ୍କ ଗହଳି।
କହିଛି କେତେଥର ବାପାଙ୍କୁ ଆଗ୍ରହେ
ଝଟକିଛି ନୈରାଶ୍ୟର ରୂପ ତାଙ୍କ ମୁହେଁ।
ଶୂନ୍ୟତା ଓ ଦୀର୍ଘଶ୍ବାସ ଉତ୍ତର ଦେଇଛି
ଗରୀବ ହେବାର ମୂଲ୍ୟ ସାଦରେ ପାଇଛି।
ବୁଝିଲି ସମୟ ଯେବେ ଦେଖି କ୍ଷୁଧା ରୂପ
ଖଟିଲି ବାପାଙ୍କ ସଙ୍ଗେ ନକରି ମୁଁ କ୍ଷୋଭ।
ମା' କାନ୍ଦେ ଦେଖି କୁନି କୁନି ହାତର ପାପୁଲି
ସେସବୁ ସାଇତି ରଖିଛି ନପାରେ ମୁଁ ଭୁଲି।
କହିଥିଲି ମାଆକୁ ମୋ'- କେବେ କାନ୍ଦିବୁନି
ଅଳି କେବେ କରିବିନି - କିଛି ମାଗିବିନି।
ଅବିରତ ଖଟି ଆସିଛି ଦୁଇ ମୁଠା ପାଇଁ
ତଥାପି ବି କେବେ କେବେ ପେଟ ପୁରେ ନାହିଁ।
ଚାଟଶାଳୀ ଅବଧାନେ ପଢ଼ାଇଲା ବେଳେ
ଦୂରୁ ଦେଖି ଶିଖୁଥିଲି ଅତି କୁତୁହଳେ।
ରଖୁଥିଲି ସାଇତି ମୁଁ ମାନସ ପଟଳେ
ଶିଖିବା ଆଗ୍ରହ ଭାଙ୍ଗେ କ୍ଷୁଧାର ବିକଳେ।
ସମୟ ବଢ଼ିଚାଲିଲା ଯୌବନ ଆସିଲା
ପିତାମାତା ଚାଲିଗଲେ ନୈରାଶ୍ୟ ବଢ଼ିଲା।
ଏକୁଟିଆ ବସି ଯେବେ କାଲିକୁ ମୁଁ ଖୋଜେ
କାଲି ଗଲା ଅକାରଣେ, କାଲି ହେବ ବାଜେ।
ସଂପ୍ରତି ଅନ୍ଧାର... କରେ ଯଦି କାଲି ଅନ୍ବେଷଣ
ଗତ ଓ ଆସନ୍ତାକାଲି - କରେ ପ୍ରଶ୍ନବାଣ।
ହଜାଇ ଅତୀତ ହଜିଗଲୁ ଗରୀବ କଟାକ୍ଷେ
କାଲିର ଅନ୍ବେଷଣ ହଜାଇ ଦେ ସଂପ୍ରତି ଗବାକ୍ଷେ।

# ମୋ ଘରେ ଆସିଲ ନାହିଁ



କମଳ କୁମାର ଦାଶ

ଏଇଠିକୁ ଆସି ଚାଲିଗଲ ସାଥୀ

ମୋ ଘରେ ଆସିଲ ନାହିଁ

ଏତେ ଅଭିମାନ ଏତେ ରାଗ ରୋଷ

କାହିଁକି, ବୁଝିଲି ନାହିଁ ।

ଅଭିମାନ ତୁମ ମୋ ଉପରେ ଥିବ

କବିତା ପରେ ନଥିବ

ଅଭିମାନ ଯାହା ଆସିଲାର ପରେ

ମତେ ତ କହି ପାରିବ।

କବିତା ନ ପଢ଼ି ଏମିତି ଫେରିବା

ମତେ ଭଲ ଲାଗୁନାହିଁ

ଭଲ ଲାଗେ ମୋତେ ଏ ମୋର କବିତା

ତୁମଠୁ ଶୁଣିବା ପାଇଁ।

ମୋ ପାଇଁ ନହେଲେ କବିତାର ପାଇଁ

ଫେରିଆସ ତୁମେ ଥରେ

ସବୁ ରାଗ ରୋଷ ମାନ ଅଭିମାନ

ପକାଇ ଥରେ ପଛରେ□

# ପିଲା-ଟୁକେଲ୍



ବିଧୁଭୂଷଣ ମିଶ୍ର

ମାଆଁର୍ ପେଟେ ଥିଲେ ଛୁଆ, କେଡ଼େ ଉସତ୍ କୁଟୁମ୍ ସାରା, କେଡ଼େ ଉସତ୍ ଛୁଆର୍ ବୁଆ ।
ପେଟ୍ ଛାଡ଼ି ବାହାର୍ ସି ଯେଭେ ଭଟାକେ ଇ ଛୁଆ,
ସମ୍ କିରର୍ ନୁ ଅଏଧ୍ କା ଉସତ୍ ହେସି ଛୁଆର୍ ମାଆଁ।
ପିଲା ହେଇଥିଲେ ସଭେ ଖୁସ୍, କୁଟୁମ୍ ବସିଆ ହାହା ହାହା;
ହେଲେ, ହଉ ହଉ ହେଇଗଲେ ଟୁକେଲ୍, କୁଟୁମ୍ ବସିଆ ସଭେ କରି ନେସନ୍ ମୁହୁଁକେ ଏନ୍ ତା,
ଯେନ୍ ତା କି ସେ ଦିନୁ ବଏନ୍ ହେଇଗଲା ତାକର୍ ଲାଗି ସବୁ ରାହା।
ହେଲେ ସେ ଯାହା ହଉ, ଆର୍ ଯେନ୍ ତା ହଉ
ମାଆଁ ଛୁଆର୍ ହସା-କନା ଯୁଗ୍ ଯୁଗ୍ କେ ଅମର୍ ରହୁ।
ମାଆଁର୍ ମନ୍ କେଡ଼େ ଉସତ୍ ପାଇକରି ଗୁଟେ ଛୁଆ;
ହେଲେ ବୁଝି ନେ ପାରେ ଇ ମାଆଁ, ଇ ଟୁକେଲ୍ ଛୁଆକେ କେଁଯେ କିହେ ନେ କର୍ ବାର୍ ଆହା!
ବୁଝି ନେ ହଏ ଆମର୍ ଇ ଲୁକ୍ କର୍ ପସନ୍ ଆର୍ ବେଭାର୍,
ସଭେ ଖୁଜ୍ ସନ୍ ମାଆଁ, କନିଆ ଆର୍ ବହନ୍‌ର୍ ପ୍ୟାର୍,
ହେଲେ, କେଁଯେ ଟୁକେଲ୍ ଛୁଆ କେ ଦେଖାସନ୍ ଏନ୍ ତା ହୀନ୍ ବେଭାର୍ !!!
ଆର୍ ଫେର୍ ବଲୁଥିସନ୍, ପିଲା ହଉ କି ଟୁକେଲ୍, ଆଏ ପରେ ହେଟା ମାହାପୁରୁର୍ ଉପ୍‌ହାର୍।
ଇନ କହେନେ ବାଲା କେତ୍ ନି କେତେ, କର୍ ନେ ବାଲା ନେ ନ ସତେ।
ଟୁକେଲ୍ ଛୁଆର୍ ପର୍ ତି ନେ ଦେଖ ହେନ୍ ତା ହୀନ୍ ବେଭାର୍,
ନେ ପାସ୍‌ର ତୁମର୍ ଜନମ୍ କଲା ମାଆଁକେ, ଯାହାର୍ ଠାନୁ ପାଇଛ ତୁମେ ଲାଡ଼-ଗେଲ୍, ଆର୍ ପ୍ୟାର୍।
ହଁ, ଇଟା ପଏର୍ଛା ସତ୍ କଥା ଆଏ,
ଯିଏ ଯାହାର୍ ଜାଗାନ ଇ ଦୁନିଆ ଥୀ ଏକ୍ ଲା ଆଏ।
ପିଲାଟେ କେଭେ ଟୁକେଲ୍ ନେ ହେଇପାରେ, ଆର୍ ହେନ୍ ତା
ଟୁକେଲ୍ ଘଲା କେଭେ ପିଲା ନେ ହେଇପାରେ।
ନିଜର୍ ବୁଦ୍ଧି, ଜ୍ଞାନ୍ ବଲେ ପିଲାର୍ ନୁ ଆଗ୍ କେ ଟୁକେଲ୍ ବଢ଼ିଯାଇପାରେ,
ହେଲେ ଯେତେ ଯାହା ହେଲେ ବି ଟୁକେଲ୍‌ର୍ ଚାଲି ଚଲନ୍ ପିଲାର୍ ସାଂଗେ ମିଶି ନେ ପାରେ।
ଯାହା ହେଇଗଲେ ବି ନେ ଭାବ୍ କେଭେ ଟୁକେଲ୍‌କୁ ହୀନ୍,
ପିଲା ହଉ କି ଟୁକେଲ୍ ହଉ, ଜୀବ୍ ମାତର୍ କେ ଦୟାକର, ଅମର୍ ରହେବ ସବୁ ଦିନ୍ ।

# ଆକାଶର ଇନ୍ଦ୍ରଧନୁ



ଶିଳ୍ପଦା ସାମଲ

ଇନ୍ଦ୍ରଧନୁର ସାତଟି ରଙ୍ଗ ଯାହାକୁ ଆମେ ପିଲାବେଳେ ମନେ ରଖିବାକୁ ଗୁରୁଜୀ ଶିଖାଇ ଥିଲେ "ବାଘନିଶହଲାନା" ସେଥିପାଇଁ ଭଲକରି ମନେଅଛି ଇନ୍ଦ୍ରଧନୁର ସାତରଙ୍ଗ ବା - ବାଇଗଣି, ଘ - ଘନନୀଳ, ନୀ - ନୀଳ, ସ - ସବୁଜ, ହ - ହଳଦିଆ, ଲା - ଲାଲ, ନା - ନାରଙ୍ଗୀ। ମନର ପିଲାକିଆମି କେବେ ବୁଝେନି ସାତରଙ୍ଗକୁ କିନ୍ତୁ ବୁଝେ ଇନ୍ଦ୍ରଧନୁ ବହୁତ ସୁନ୍ଦର। ଠିକ ସେମିତି ଆକାଶର ପରିଚୟ ପାଇଥିଲି ନୀରବ, ଉଦାର ଆଉ ନିସ୍ବାର୍ଥ ପର, ଯିଏ ନିଜ ଦିଗବଳୟରେ ଘୋଡାଇ ରଖିଛି ସମଗ୍ର ପୃଥିବୀକୁ। ପ୍ରକୃତରେ ବହୁତ ମୂଲ୍ୟବାନ ଉଭୟ ଜଣେ ଉଦାରରେ ସବୁକିଛି ସହିଯାଉଛି ତ ଆଉ ଜଣେ ନିଜ ସୁନ୍ଦରତାରେ ଆମ୍ଭକୁ ଶାନ୍ତି ଆଉ ଖୁସିରେ ଭରି ଦେଉଛି। ଉପଯୁକ୍ତ ବୟସରେ ମୁଁ କ୍ଷୁଦ୍ରଗଳ୍ପ ଆଉ ପତ୍ରିକାମାନ ପଢ଼ା ଆରମ୍ଭ କଲାପରେ ଜାଣିଲି ଇନ୍ଦ୍ରଧନୁ ଯେ ଖାଲି ସାତରଙ୍ଗ ନୁହେଁ, ଇନ୍ଦ୍ରଧନୁ ଜଣେ ସୁନ୍ଦର ଚିତ୍ରକରର ଏକ ଅତୁଳନୀୟ ହାତ ଅଙ୍କାଛବି ଯାହାକୁ ଚିତ୍ରକର ଜଣକ ଆଙ୍କି ଦେଇଛନ୍ତି ଆକାଶର ନିର୍ମଳତା ଉପରେ।

ଯେତବେଳେ ମେଘୁଆ ଆକାଶରେ ମେଘ ଛାଡି ଯାଏ ଆକାଶରେ ଭାସିଯାଉଥିବା ବାଦଲ ଖଣ୍ଡ କେତେ ସୁନ୍ଦର ଚିତ୍ର ବିଚିତ୍ରର ଆଭାସ ସୃଷ୍ଟି କରନ୍ତି କେତେବେଳେ ମଣିଷ ତ କେତବେଳେ ଘୋଡା ଛାୟାକୃତି ପରି ଲାଗନ୍ତି, ସୂର୍ଯ୍ୟଙ୍କ ପ୍ରକୋପ ଟିକେ କମିଯାଇ ଥାଏ ଠିକ ସେଇ ସମୟରେ ଇନ୍ଦ୍ରଧନୁ ନିଜର ସୌନ୍ଦର୍ଯ୍ୟକୁ ବିସ୍ତାର କରେ ଆକାଶ ଉପରେ। ସେତବେଳେ ଏମିତି କେହି ଜଣେ ନଥିବ ଯେ କି କିଛି ମୁହୁର୍ତ୍ତ ପାଇଁ ଆକାଶକୁ ଚାହଁ ନଥିବ।

ଏତେ ସୁନ୍ଦର ସୃଷ୍ଟିରେ ଗୋଟେ ପ୍ରଶ୍ନ ମନରେ ଉଙ୍କିମାରେ ପ୍ରକୃତରେ ଆକାଶ ଆଉ ଇନ୍ଦ୍ରଧନୁର ସମ୍ପର୍କ କଣ? ମନରେ ଏକ ଦ୍ବନ୍ଦ ସୃଷ୍ଟି ହୁଏ ଯେଉଁ ଇନ୍ଦ୍ରଧନୁ ଏତେ

ସୁନ୍ଦର ଲକ୍ଷେ ପ୍ରେମିକଙ୍କ ସ୍ବପ୍ନର ପ୍ରେମିକାର ତୁଳନାର ଆମ୍ରଛବି, କିନ୍ତୁ ଆକାଶର କାୟାରେ ସେ ନିଜ ଉପସ୍ଥିତିକୁ ବୁଝେ ତା'ମନରେ କଣ କେବେ ଆକାଶ ପାଇଁ ଦୁର୍ବଳତା ଆସିନି, କଣ ଆକାଶ ଇନ୍ଦ୍ରଧନୁର ସୁନ୍ଦରତାରେ କେବେ ପାଗଳ ହେଇନି। ଆଉ ଯଦି ଇନ୍ଦ୍ରଧନୁ ଆକାଶର ପ୍ରେମିକା ସମୟ ସମୟରେ ବର୍ଷାର ପଛରେ ଲୁଚି ରହି ଛପି ଛପି ଆକାଶକୁ ଦେଖା କରିବାକୁ କିଛି କ୍ଷଣ ପାଇଁ ଅସେ ଆଉ ସମସ୍ତଙ୍କ ନଜରରେ ଧରା ପଡିଯାଇ କିଣିନିଏ ଲୋକମାନଙ୍କ ମନକୁ ନିଜ ସୁନ୍ଦରତାରେ, ପ୍ରଶଂସାର ହୁରିରେ ଭୁଲି ଯାଏ ନିଜକୁ, ତେବେ କଣ ଆକାଶ ମନରେ ଇର୍ଷା ସୃଷ୍ଟି ହୁଏନି?

ହୁଏତ ମୋ ମନର ସବୁ ପ୍ରଶ୍ନକୁ ଏଡେଇ କରି ଆକାଶ ତା ଉତ୍ତରରେ ଏହା ବି କହିପାରେ ମୋ ନିଜର ପ୍ରେମିକାକୁ ସମସ୍ତଙ୍କ ପାଖରୁ ମୁଁ ଲୁଚେଇ ରଖିଛି ଆଉ କେହି ଯେତବେଳେ ନିଜ ପ୍ରେମିକାକୁ ପ୍ରଶଂସା କରି ତୁଳନା କରେ ଇନ୍ଦ୍ରଧନୁ ସହିତ ମୁଁ ଇନ୍ଦ୍ରଧନୁକୁ ଆଣି ଦେଖେଇ କହେ ଦୁନିଆରେ କାହାର ପ୍ରେମିକା ମୋ ପ୍ରେମିକା ପରି ନୁହଁନ୍ତି। କଣ ଏ ଉତ୍ତର ଆକାଶର ହେଇପାରେ? ବଡ ଜଟିଳ ଏ ଦ୍ବନ୍ଦ କିନ୍ତୁ ଭାରି ଭଲ ଲାଗେ ଏ ଦ୍ବନ୍ଦ ର ଉତ୍ତର ପାଇଁ ଛନ୍ଦି ହେବାକୁ।

କ୍ଷୁଦ୍ରଗଳ୍ପ ଟିଏ ମୋ ଭାବନାର

# ବାଉଦପୁର ଷ୍ଟେସନରେ ଗୋଟିଏ ଅପରାହ୍ନ



ରଞ୍ଜନ କୁମାର ପାଣିଗ୍ରାହୀ

ଗ୍ରୀଷ୍ମର ଉତ୍ତାପ ଟିକେ କମିଯିବା ପରେ ପରେ,
ସବନ୍ଧୁ ପହଞ୍ଚିଲି ବାଉଦପୁର ଷ୍ଟେସନରେ|

ଲୋକଙ୍କ କୋଳାହଳ ଟିକେ ବି ନ ଥିଲା ସେ ସ୍ଥାନେ,
କର୍ମଚାରୀଟି ବସିଥିଲା ଅଧାଖୋଲା ନୟନେ|

ସୁଲୁସୁଲୁ ପବନ ସ୍ୱାଗତ କରୁଥିଲା ମୋତେ,
ଫେକରର ଶବ୍ଦ ଗୀତ ପରି ଲାଗୁଥିଲା ସତେ|

ନିଷିଦ୍ଧ ଇଲାକା ବାଛିନେଲି ବନ୍ଧୁ ସହଯୋଗେ,
ଅପେକ୍ଷା କରିଲି ମୋ ପ୍ରେମମୟୀ ପ୍ରିୟାକୁ ବେଗେ|

ଅପେକ୍ଷା ଅନ୍ତ ହେଲା, ପ୍ରିୟା ଆସି ବସିଲେ ମୋ ପାଖେ,
ହୁଅନ୍ତା କି ସବୁଦିନ ମୁଁ ତା'ର ରୂପକୁ ଦେଖେ|

କଳାମେଘୀ କେଶ ପବନେ ହେଉଥିଲା ଅଥୟ,
ନୟନେ ଥିଲା ଟିକେ ଲାଜ, ଆଉ ଟିକିଏ ଭୟ|

ହାତରେ ହାତ ଛନ୍ଦି, ମୁଣ୍ଡ ରଖିଲେ ମୋ କାନ୍ଧରେ,
ବନ୍ଧୁଟି ମୋର ବ୍ୟସ୍ତ ଥିଲେ ପ୍ରକୃତିର ଛନ୍ଦରେ|

ମାନ ଅଭିମାନ ଭୁଲି ତାଙ୍କୁ କରିଲି ନିଜର,
କଥା ଦେଲି ଜୀବନରେ କେବେ କରିବିନି ପର|

ବସାକୁ ବାହୁଡ଼ିଲେ ମାଳ ମାଳ ଗେଣ୍ଡାଳିଆ ପକ୍ଷୀ,
ଜାଣିଲି ବେଶୀ ସମୟ ନାହିଁ ସଞ୍ଜ ହେବା ବାକି|

କପାଳରେ ତାଙ୍କ ଆଙ୍କିଦେଲି ଚୁମ୍ବନ ରେଖାଟେ,
ପ୍ରିୟା ସବୁ ଭୁଲି କୁଣ୍ଢାଇ ଧରିଲେ ମୋତେ|

ଅପରାହ୍ନ ସରିଲା, ପ୍ରେମ ଆମ ଅଧା ରହିଲା,
ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାତ୍ରା ଆରମ୍ଭ ହେଲା|

# କୋଇଲି ବୈକୁଣ୍ଠ



ଶ୍ବେତା ଆଚାର୍ଯ୍ୟ

ଶ୍ବେତା ଆଚାର୍ଯ୍ୟ

ଚାରିଆଡ଼େ ତୁଳସୀର ବାସ୍ନା
ଏପାଖ ସେପାଖ, ଏପଟ ସେପଟ
ସବୁଠି ତୁଳସୀ ମହକୁଛି...
ଘଣ୍ଟଘଣ୍ଟା ଧ୍ବନି ସହ ଝୁଣା, କର୍ପୂର ଆଳତୀ
ବାସ୍ନା !
ମୋର ଅତି ପ୍ରିୟ...
କୋଇଲି ବୈକୁଣ୍ଠ।
ସଖା ମୋର
କେଉଁ ଯୁଗରୁ ଏଠି ବସି ଫୁଲମାଳ ଗୁନ୍ଥୁଚି,
ମୁହୂର୍ତ୍ତେ ବି କେବେ ଛାଡ଼ି ଯାଇନି
ମୋର ବୈକୁଣ୍ଠକୁ...
ମାନ, ଅଭିମାନ, ଘୃଣା, ଦ୍ବେଷକୁ ଛାଡ଼ି ଆସିଛି
ବହୁ ପଛରେ !!!
ଏବେ କେବଳ ନିର୍ବିକାର ମୁଁ ଆଉ ମୋ ଫୁଲ,
ତୁଳସୀମାନେ...
ତୁମକୁ ପ୍ରେମକରି
ପରିଚିତ ଆଜି ପବିତ୍ରତା ସହ,
ବିଶାଳତା ସହ, ପ୍ରକୃତି ସହ,
ଆଉ ମଧ୍ୟ ସ୍ଥାବର ଅସ୍ଥାବର ସହ !!!
ସଖା ମୋର...
ରାତ୍ରୀର ବିଳମ୍ବିତ ପ୍ରହରେ
ବିଭୀଷଣଙ୍କ ଆଗମନ ପୂର୍ବରୁ,
ତୁମ ଛାତିର ସ୍ପନ୍ଦନ ଆଉ ମୋ ସ୍ପନ୍ଦନ ମିଶି ହୁଏ
ଏକାକାର !!!
ସେମାନେ ଭାବନ୍ତି, ପୁରୁଣା ହୃଦୟକୁ ପୋତି
ନୂଆ ତିଆରିଲେ!!!
ମୁଁ କିନ୍ତୁ ଜାଣେ...
ଅହରହ, ଦିବାନିଶି ବୈକୁଣ୍ଠରେ ବସିବସି
ତୁମ ସଂଜ୍ଞା ପାଏ...
ତୁମେ ଖାଲି ଯାହା ମୂଢ଼ ମାନଙ୍କ ସାଙ୍ଗେ
ଲୁଚକାଳି ଖେଳୁଥାଅ...
ଯାହା ଖେଳିଥିଲ କେବେ ଗୋପୀଙ୍କ ସାଙ୍ଗରେ।
ଜୀବନ ମରଣର ଭୌଗଳିକ ବୃତ୍ତଚିତ୍ର ଭିତରେ;
ତୁମେ ତ ଅବିନାଶି...
ତୁମକୁ ମୁଁ ଭଲପାଏ ଆଉ ତୁମେ ବି ମୋତେ !!!
ତୁଳସୀ, କର୍ପୂର, ଚନ୍ଦନ ବାସ୍ନା ମାଟି ତଳୁ
ଅହରହ ବହିଚାଲେ
ମୁଁ ବି ତାଳ ଦିଏ ଏମିତି ନିର୍ବିକାର ହେଇ,
ତୁମ ପ୍ରେମର ପାଦୁକାରେ ବୁଡ଼ି ମୁଁ ତ ଆନମନା
ମନ୍ଦିରର ନିବୁଜ ଚାରି କାନ୍ଥ ଭିତରେ
କି ମାପି ହେବ ଆମ ପ୍ରେମକୁ ସଖା ?
ସେଥି ପାଇଁ ସାକ୍ଷୀ ଖାଲି ଏଇ ମୋର
ଅତି ପ୍ରିୟ... କୋଇଲି ବୈକୁଣ୍ଠ...

# ଶୃଙ୍ଗାର



ମନୋଜ କୁମାର ମୁଦୁଲି

କବି ମନୋଜ କୁମାର ମୁଦୁଲୀଙ୍କ ଲିଖିତ ଏହି ଦ୍ୱୈତ କବିତାରେ ରହିଛି ପୁରାତନ ଓ ନବୀନ ଯୁଗରେ ନାରୀମାନଙ୍କ ଶୃଙ୍ଗାର ଏବଂ ରୂପଲାଳିତ୍ୟର ସୌନ୍ଦର୍ଯ୍ୟମୟ ବର୍ଣ୍ଣନା। ଏହି ଦୁଇ କବିତାରେ ଆପଣ ଦେଖିପାରିବେ :

୧. ପ୍ରତ୍ୟେକ ପଦ ଓଡ଼ିଆ ଅକ୍ଷର 'କ' ରେ ହିଁ ଆରମ୍ଭ ହୁଏ

୨. ପ୍ରାଚୀନ ତଥା ନବୀନ ଯୁଗୀୟ ନାରୀଙ୍କ ବଖାଣ

୩. ଲେଖନୀରେ ଉଭୟ ରୀତିଯୁଗୀୟ ଏବଂ ଆଧୁନିକ କବିତାର ଛାପ

୪. ଅଧୁନା ଫେସବୁକରେ ସକ୍ରିୟ କବିମାନଙ୍କ ପାଇଁ ଏକ ଆହ୍ବାନ, ଏକ ପଦ ଏକ ଅକ୍ଷର ଭାବର ପ୍ରଚଳନ କରିବା ସକାଶେ। ଯେମିତି ପ୍ରତ୍ୟେକ ପାଦ କୌଣସି ଏକ ଅକ୍ଷରରେ ହିଁ ଆରମ୍ଭ ହେବ।

## ପୁରାତନ

କବରୀରେ କରବୀ ନେଲା କବର,
କଣରେ ଗୁଛିଥିଲା କୁଚ ରବର,
କପଟେ ତାର; ଭ୍ରମରେ ଭ୍ରମୁଥିଲେ ଗଜା ଭ୍ରମର
କବଚ ସମ ଦିଶୁଥିଲା;
କପିତ ଭଳି ତାର କବରୀ ଥିଲା.....

କଦଳୀ କାନ୍ଧି ପରି ପୁଷ୍ପ ଗଜରା,
କବରୀ ବନ୍ଧନରେ ସାଜିଲା ପରା,
କବିକା ଗନ୍ଧେ; ମିଳିନ୍ଦ ଛାଡେ ନାହିଁ ବାଟ ତା ମଧେ
କାନ୍ତି ଦେଖି ବଦନର;
କନ୍ଦଳ କରୁଥିଲା କନ୍ଦର୍ପ ଶର.....

## ଆଧୁନିକ

କଳା କେଶ
ରଂଗ ଦେଇ କରିଅଛି କହରାର ବେଶ
ମୁକୁଳିତ ଝୋଟ, ତୃଣ ପତ୍ରେ
କନକ ଦେହେ,
କୁଳିଶ ପଡିଲେ, ଯେମନ୍ତ ଝକଝକ....

କତୋୟ ଭଳି ଗନ୍ଧ
ବିଚକ୍ଷଣେ ବୁଲେ ଚଉପାସେ ସେ ନାରୀର
କାଠର ଚାପାରେ ଚୁଳ ଚପିଧରେ
କେଶ କହେ ତାର ମୁକୁଳା ବିଚାର....

କପାଳ ସେତା
ତହିଁ ଟିକିଲି ନାହିଁ କି ଶ୍ରୀମନ୍ତ !

କପାଳେ କଣଭ କାନ୍ତି କୁଂକୁମର,
କଜଳେ ଝଟକେ ଭରୁଲତାଧର,
କର୍ଣେ କୁଣ୍ଡଳ; ଢଳଇ ଦୁଇପାଶେ ଉପର ତଳ
ନୟନ କଣେ କରପାଳି;
କଦମା ହୃଦୟରେ କରଇ କଳି......
କର୍କମୁଖେ ନାନା ଦରବ ମାରି,
କଟାଶ ନାୟନରେ ଦିଅଇ ଠାରୀ,
କଂଚା ତା ଓଠେ; ଗୋଲାପି ବସ୍ତୁ ସବୁ ଉକୁଟି
ଉଠେ
କଳକଣ୍ଠ ଶାନ୍ତ ଗଳେ;
କନକ ସୁତା ନିଜ କାନ୍ତିରେ ଜଳେ .......

କରିଭୋରୁ କୁଚେ ବସନ ପଡି,
କଢି ଅଂଗୁ ଲାଜ ଦେଇଛି ତଡି,
ଉପବସନ; ଅଛି ବୋଲି ପାଏ ଉଚ ଆସନ
ଜନନୀ ମୟ ସେ ଲାଗେ;
ଶୃଂଗାର ବେଶ ତାର ପାଉଣା ମାଗେ......

କରେ କଂକଣ କଣ କଣ ଶବଦେ,
କବିତା ଝରିପଡେ କାଚର ବାଦେ,
ଝଂକାର ଶୁଣି; ମାତାଲ ମିଳିନ୍ଦିଏ ଝୁମନ୍ତି ପୁଣି
କରତଳେ ମଂଜୁଆତି;
କତ ୟେମନ୍ତ, କରେ ରହିଲେ ମାତି.....

କରଶାଖାରେ ମୁଦି ମୁଦିଛି କଣା,
କର ଦେହରେ ରଂଗ ହୋଇଚି ଟଣା,
ଫିକାଳିଆ ରଂଗ ଚୁଳ,
ଉପରେ ତା ଚଷମା ଧରିଚି ଆଣ୍ଟ
ଆମ ଶ୍ରୀମତୀଙ୍କ କଥା ଏମନ୍ତ.........

କଣି ଧଳା ଧଳା ଉଡ଼େ
ସରବେ କହନ୍ତି ୟାରେ ପାଉଡ଼ର
ବିକ୍ଷିପ୍ତେ ପଡ଼ି ମୁଖେ
ଦିଏ ଯେଉଁ ଅପୁର୍ବ ଝଟକା
ବାଘକୁ ଯେମନ୍ତ ଘାସ ଉପହାର......

କଷଣ ପାଏ କାମିଜ
କୁଚର ଭାରରେ ଧରାସାୟୀ କି ହେବ
ମୁକୁଳା ବୟସେ ତା କମର କୋଣେ
ଦିଶଇ କାହିଁ କାହିଁ ପୃଥୁଳ ଭାବ.....

କରଭୁଜାଟି
ଚାପମାରି ଧରିଛି କଚଟି
ସେ ତିଆରି ପ୍ଲାଷ୍ଟିକରେ ଚଉଡ଼ା ଖଡୁ
ତ ଦେହର କଳା ଧଳା ଛିଟା
କିରଣ ପଡିଲେ ଉଠେ ଉକୁଟି ......
କରଶାଖା ଗଡ଼ା ବେଁ ଲମ୍ବାର
ନଖାପଚା ରଂଗେ ହୁଏ ଅନ୍ତର
ଦିଶେ ସୁନ୍ଦର
ହୀରା ମୁଦି ବାମ କରେ, ଉଦବେଳିତ ହୋଇ
ମାତି ଉଠେ କର ବିତରଣେ
ନଖ ତଳ ନାନା ଚିତା, କରେ ବିଭୋର ....

କନକ ଖଡ଼ୁ; ସାରା କଂକଣେ ମାରେ ରଶ୍ମୀର
ଝାଡୁ
କରମୁଳେ କରପଟି;
କର୍ଫର କୁହାଟରେ ଉଠେ ଉକୁଟି....

କମରେ କମରପଟା ଝୁଲଇ,
କଟିରେ କଂଚଟ ଢଳି ପଡ଼ଇ,
କମର ତଳ; ଚାଲି ପକେଇଲେ ହୁଏ ଉଥଳ
କରପଟ କରଧ୍ୱନି;
କରି ଉଠିଥିଲା କଟି ବନ୍ଧନୀ..

କଂକଣ ଶବଦରେ ଘୁଂଗୁର ଉଠେ,
କପର୍ଦ୍ଧଶୂନ୍ଯ ହୋଇ ବିଭୋରେ ନାଚେ,
ଅଳତା ରଂଗ; ଘୋଡାଇ ଦେଇଥିଲା ପଦର
ମଂଗ
କଦମୀର ପୁରା ଅଂଗ;
ଗଠନ ସୁନ୍ଦରତା କରଇ ତଂଗ......

କସ୍ତୁରୀ ଦେହେ ବୋଲି ବୁଲଇ ସଖୀ,
କହରେ ଆକର୍ସିତ ମଧୁରପକ୍ଷୀ,
କଣ୍ଠର ସ୍ବନେ; କୋକିଳ ବିତାଡିତ ହୋଇଛି ବନେ
କଣେଇ ଚାହଁଇ ଯେବେ;
କନ୍ଦର୍ପେ ହତ ଧରା ପୁରୁଷ ସର୍ବେ.......

କଷିକରୀ କମର ପଟରେ
ମରା ହୋଇଅଛି ବେଲ୍ଟ କଣ୍ଟା
ସାରା ପିଟା ତାର କରେ ଜିନସ୍ ରେ ଥଟା
ମୋବାଇଲ୍ ପକେଟରେ
ସୁତା ତାର ଆସି କାନରେ ଅଝଟ କରେ.....
କବଜା ପାଦର
ଘୁଂଗୁର ପାଇଁ ନୁହେଁ ସେ ଅଧିର,
କାନବାସି ଜୋତାରେ ସେ ପାଦ
ସବୁବେଳେ ପାଇଛି କବର
ପାଦ ମୁଦି କଥା କହିବି କାଇଁ
ଖଣ୍ଡିଆ ହେବ ବୋଲି ପିନ୍ଧଇ ନାଇ .....

କଂକାଳ ଦେହ
ସେ କେଉଁ ସୁଗନ୍ଧରେ ବାସୁଛି କିରେ
ମଦିରା ବାସନା ଶ୍ବାସ ରୁଦ୍ଧ ବାୟୁ,
ସ୍ଥାଣୁ କରିଚି ଯୁବକ ସ୍ନାୟୁ
ଏଇ ସେ ମହକରେ, ବିଦେଶୀ ଅତର ଝରେ....

କହୁଛି ବୋଲି ଶୀକାର ହେବି
ନିଶ୍ଚେ ନାରୀର ରୋଷ
କଲମ ସହେନୀ ଏ କଷଣ ଦେଖି
ସମାଜେ ଚଉପାଶେ ଫୁଂଗୁଳା ବେଶ.........

# ଅରଣ୍ୟ ସୁଷମା

ଶ୍ରୀମତୀ ଶାନ୍ତିଲତା ପଣ୍ଡା

ଶୀତ ଅନ୍ତେ ସତ ସହସ୍ର ପଲ୍ଲବେ ପଲ୍ଲବିତ ତରୁଗଣ ।
ଅରଣ୍ୟ ସୁଷମା ହେଲା ଅନୁପମା, ତପନ ତେଜ ନିଉନ □୧
ପାଦପ ଗହଳେ ପକ୍ଷୀ ଦମ୍ପତିଏଁ ଗାଆନ୍ତି ସରାଗେ ଗୀତ ।
ସବୁଜିମା ଭରା ପ୍ରକୃତି ପସରା ମନକୁ କରେ ମୋହିତ □୨
ଧାଡି ଧାଡି ଶାଳ, ପିଆଶାଳ, ତାଳ ଉର୍ଦ୍ଧ୍ୱକୁ ଉନ୍ନିତ ଗ୍ରୀବା ।
କାନନ-ଲକ୍ଷ୍ମୀର ଛତ୍ର ସେବାକାର ପରାଏ ଅଛନ୍ତି ଉଭା □୩
ବର ବପୁଷ୍ମାନ ସୁଦୃଢ ଶ୍ରୀମାନ ଉଭା ବୀର ତରୁଗଣ ।
ଅରଣ୍ୟ-କମଳା ଅଙ୍ଗ ରକ୍ଷୀପ୍ରାୟେ ହୋଇଛନ୍ତି ବିଦ୍ୟମାନ □୪
ବୃତ୍ତାକାରେ କାହିଁ ପ୍ରାଚୀନ ସ୍ଥବୀର ତରୁ ଫଳ ଭାରେ ନଇଁ ।
ଧୀମନ୍ତ ମଣ୍ଡଳୀ ପ୍ରତ୍ୟୟ  ଆଣନ୍ତି ନିଘଞ୍ଚ କାନନ ଭୁଇଁ □୫
ଠାବେ ଠାବେ କେଉଁ ପାଦପ ସେନେହେ ସ୍ୱ-ଅଙ୍କୁରେ ନିରେଖଇ ।
ପୁଣି କେ ତରୁରେ ପ୍ରୀତି ପୁଲକରେ ଲତିକା ହୁଏ ଗେହ୍ଲେଇ □୬
ଆମ୍ର ମୁକୁଳରେ ପେଛି ପେଛି କଷି ବଢାଏ ଦ୍ୱିଗୁଣ ଶୋଭା ।
ପତ୍ର ଗହଳରୁ କୋକିଳ ବଧୁର ସଙ୍ଗୀତ ପରାଣ ଲୋଭା □୭
ବଂସକୁଞ୍ଜ ସ୍ୱନ ବଂଶୀର ନିଶ୍ୱନ ପରାଏ ପ୍ରତିତି ହୁଏ ।
ବୀରହ ବିଧୁର ଉଦାସୀ ପ୍ରେମିକ ବ୍ୟଥାକି ନିଗାଡି ଦିଏ □୮
ମହୁଲ ଶାଖାରେ ସର୍ବସ୍ୱ ପାଛିବେ ନିଘୋଡ ଦାନୀ ସୁରକ୍ଷା ।
ଅହରହ ପହରାରେ ନିମଗନ ଗହଣେ ମଧୁ ମକ୍ଷୀକା □୯
ପାଦପ ଶାଖାରେ ଶୁକ ଶାରୀ କାହିଁ ଯୋଡି ଯୋଡି ସୁଖେ ବସି ।
ପ୍ରେମ ପ୍ରିତୀ ସୁଧା ବଣ୍ଟନେ ଶରଧା , ଚଞ୍ଚୁରେ ଚଞ୍ଚୁକୁ ଘସି □୧୦
କଳାପ କୁ ତୋଳି  କେ-କା ରବ କରି ଆନନ୍ଦେ ଶୀଖୀ ବିହଙ୍ଗେ ।
ପନ୍ତି ପନ୍ତି ହୋଇ   କାନନ ସଜାଇ କରନ୍ତି ବିହାର ରଙ୍ଗେ □୧୧
ତମାଳର ଡାଳେ ବାୟା ବସି ଝୁଲେ ରଚିଛି ନିଡ କୌଶଳେ ।

ଆସୁ ଯେତେ ଝଡ ଗ୍ରୀଷ୍ମ ବର୍ଷା ଜାଡ ଭୟ ନାହିଁ ତାର ତିଳେ □୧୨
ଦଳ ଦଳ ହୋଇ ଶାଖାମୃଗ ତହିଁ ଡାଳୁ ଡାଳ ଦେଇ ଲମ୍ଫ ।
ହୁଂକାର ଶବଦେ ଗଗନ କମ୍ପାଇ କନନ ଯାକ ପ୍ରକମ୍ପ □୧୩
ଅରଣ୍ୟେ ନିର୍ଭୟେ ତୃଣ ଭୁଞ୍ଜୁଥାନ୍ତି କେତେ ଯେ ଗଣ୍ଡା ଗୟଳ ।
ଶାବକ ସହିତେ ବରାହ ବରାହୀ ଭ୍ରମନ୍ତି ଦଳ କୁ ଦଳ □୧୪
କରି ମନ୍ଦଗତି କରୀଏଁ କରନ୍ତି ଅଟବି ଛବି ବର୍ଦ୍ଧନ ।
କରୀ କରୁଛନ୍ତି ଶିରୀହୀନ ପୁଣି ଉଦର ପ୍ରତି ପୋଷଣ □୧୫
ଶିଖରୀ ଶିଖର ସୁଦୃଶ୍ୟ ଉଜ୍ଜ୍ୱଳ ଦିବାକର କର ପଡି ।
ଶୋଭେ ମଧୁମାସେ ଅଭିଷେକ ଚିତ୍ତେ ଶିରେ ଜରିପାଟ ଭିଡି □୧୬
କୁଳୁ କୁଳୁ ନାଦେ ନିର୍ଝରୀଣୀ ଛଳେ ସର୍ପିଳ ଗତିରେ ଧାଏଁ ।
ରାଜ ମନତୋଷେ ନୃତ୍ୟରତା ଚିତ୍ତେ ନିପୁଣ ନର୍ତ୍ତକୀ ପ୍ରାୟେ □୧୭
ପ୍ରକୃତି ସୌନ୍ଦର୍ଯ୍ୟ ଏସନ ଐଶ୍ବର୍ଯ୍ୟ ସୃଜିଛି କିଏ ସେ ଶିଳ୍ପୀ ?
ଏ ଚାରୁ ଚିତ୍ରର ପଟାନ୍ତର ନାହିଁ ମୁଲ ଯା ନହୁଏ କଳ୍ପି □୫୬
ବୃନ୍ତଚ୍ୟୁତ ଶୁଷ୍କ ତରୁପଲ୍ଲବରେ ତୁଳୀ ତଳ୍ପ ଶେଯ ବିଛା ।
ଶାଖା ସୁଡଙ୍ଗରୁ ଲୁଚି ଛପି ହୁଏ ସୁରୁଜ ମୁରୁଜ ବିଞ୍ଚା □୫୭
ବର୍ବୁର,ଖଜୁର,ଆମ୍ର,ନାରିକେଳ,ଜାମୁ,ବଦରୀ,ବକୁଳ ।
ଝର ଜୀବନକୁ ଶୀତଳ ପ୍ରଦାନ କରନ୍ତି ତରୁ ସକଳ □୫୮
ଜାତି ଜାତି ପୁଷ୍ପେ ମଣ୍ଡିତ ଲତିକା ଶୋଭାର ସୌରଭ ବିଞ୍ଚି ।
ଅଳି କୁଳ ମତ୍ତେ ଚୁମ୍ବନ୍ତି ହରଷେ ପ୍ରୀତୀ ଭରେ ସ୍ନେହ ଛିଞ୍ଚି
ଏତେ ବିଭବକୁ ଶୋଭା ସମ୍ପଦକୁ ବନାନୀ ଅଛି ସମ୍ଭାଳି ।
ଦେଖନ୍ତି ଭାବୁକେ ସୁଷମା ସମ୍ଭାର ମାନସ ଚକ୍ଷୁ ପଖାଳି □୧୮

*(“ଅରଣ୍ୟ ସୁଷମା” କବିତାଟି  କବୟତ୍ରୀଙ୍କ ରଚିତ କାବ୍ୟ“କାରୁବାକୀ”ର କୀୟଦଂଶ ମାତ୍ର)*

*ବଂସକୁଞ୍ଜ =ବାଉଁସ ବଣ, କଳାପ= ବେକ, ଶାଖାମୃଗ =ମାଙ୍କଡ, ଅଟବି=ଜଙ୍ଗଲ,ଅଳି=ଭଅଁର*

# ଫେସ୍‌ବୁକ୍ -୫



ପ୍ରଶାନ୍ତ କୁମାର ଭୂୟାଁ

**( ପୂର୍ବ ପ୍ରକାଶିତ ଉତ୍ତାରୁ )**

ପୂଜା ଓ ଦୀପାବଳୀ ମଉଚ୍ଛବ ସରିଗଲାଣି। ବନ୍ତିଳ ମାଇଁ ପୂରା ଜୋର୍‌ସୋର୍‌ରେ ମାତିଛନ୍ତି "ଫେସ୍‌ବୁକ୍" ଲୀଳାରେ। ଚୋରିଆ ମାମୁଁ ଏବେ ଅଫିସ୍‌ରୁ ଫେରି ଚା ଜଳଖିଆ ଖାଇଦେଇ ମୁଣ୍ଡ କାନ ଆଉଁସି ଧିରେ ଲାପ୍‌ଟପ୍‌ଟିକୁ ଧରି ବସି ପଡୁଛନ୍ତି ଫେସ୍‌ବୁକ୍ ଖୋଲି। "ଶୃଙ୍ଗାର" ଓ "ପ୍ରେମ ରାଇଜ" ଗ୍ରୁପ୍‌ରେ ସଭ୍ୟ ସଂଖ୍ୟା କମ୍ ଥିବାରୁ ଚୋରିଆ ମାମୁଁଙ୍କ ମୁଣ୍ଡ ଟିକିଏ ଗରମ ଅଛି। ବର୍ତ୍ତମାନ ଆଉ ଗୋଟିଏ ଗୁପ୍ତ ଗ୍ରୁପ୍ ଖୋଲାହୋଇଛି ସବୁ ଆଡ଼ମିନ୍ ମାନଙ୍କ ସଲାସୁତ୍ରା ପାଇଁ। ପ୍ରତି ସପ୍ତାହାନ୍ତରେ ସଭା ବସୁଛି ସ୍କାଇପ୍‌ରେ ସବୁ ଆଡମିନ୍‌ଙ୍କ ସହ । ଯୁଦ୍ଧ କାଳୀନଭିତ୍ତିରେ ସଭ୍ୟ ଓ ସଭ୍ୟା ମାନଙ୍କୁ ଅଣାଯାଉଛି ଗ୍ରୁପ୍‌କୁ। ଚୋରିଆ ମାମୁଁ ଗୋଟିଏ କଥା ଏ ପର୍ଯ୍ୟନ୍ତ ବୁଝିପାରୁନାହାନ୍ତି ଯେ ଗୋଟିଏ ମାସରେ ବନ୍ତିଳ ମାଇଁଙ୍କ "ନାରୀଶକ୍ତି" ଗ୍ରୁପ୍‌ରେ ଏବେ ୧୦୦୦୦ ସଭ୍ୟ ହେଲେଣି କିନ୍ତୁ ତିନିମାସରେ "ପ୍ରେମ ରାଇଜ" ଗ୍ରୁପ୍‌ରେ ଏବେ କେବଳ ୪୫୦୦ ସଭ୍ୟ ଆଉ "ଶୃଙ୍ଗାର" ଗ୍ରୁପ୍‌ରେ ୬୮୦୦ ସଭ୍ୟ। ଏହା ଅସହ୍ୟ ହେଲାଣି ଚୋରିଆ ମାମୁଁଙ୍କୁ ଏଣୁ ସେ ଗୋଟିଏ ଜରୁରୀ ସଭା ଡକାଇଛନ୍ତି ସ୍କାଇପ୍‌ରେ ।

ସଭାରେ ଏହି ସମସ୍ୟାର ସମାଧାନ ପାଇଁ ସେ ଦୁଇଟି ଗ୍ରୁପ୍‌ର ଆଡ୍‌ମିନ୍ ମାନଙ୍କୁ ପଚାରନ୍ତେ "ପ୍ରେମ ରାଇଜ" ଗ୍ରୁପ୍‌ର ବାଉରୀଫୁଲା ନନା କହିଲେ , ଚୋରିଆ ବାବୁ ଆପଣ ଜମା ବ୍ୟସ୍ତ ହୁଅନ୍ତୁ ନାହିଁ, ଆପଣ ଖାଲି କୁହନ୍ତୁ ଆପଣଙ୍କୁ କେତେଜଣ ସଭ୍ୟ ଦରକାର ?

ଚୋରିଆ ମାମୁଁ ଆଁ କରି ଅନାଇଲେ ବାଉରୀଫୁଲା ନନାଙ୍କୁ !

ପୁଣି ଦୀର୍ଘଶ୍ୱାସ ଛାଡ଼ି କହିଲେ, କିରେ ଏଇଟା କଣ ଗୋଟିଏ ପଚାରିବା କଥା ? ଯେତେ ସଭ୍ୟ ବଢିବେ ସେତେ ଭଲ, ତମେ ଖାଲି ବଢାଇଚାଲ।

ହତାଶିଆ ଭାଇ, ଆଶ୍ଚର୍ଯ୍ୟ ହୋଇ ବାଉରୀଫୁଲା ନନାଙ୍କୁ ପଚାରିଲେ କିହୋ ସଭ୍ୟ କଣ ହାଟପରିବା ହେଇଚନ୍ତି ନା କଣ ?

ବାଉରୀଫୁଲା ନନା କହିଲେ, ତମେ ସେ ସବୁ ମୋ ଉପରେ ଛାଡ଼ିଦିଅ । ଏବଠାରୁ ଆଖିବୁଜି ମୁଁ ନିତିଦିନ ହଜାର ହଜାର ନକଲ ଆଇ.ଡି. କରି ଆମ ଗ୍ରୁପ୍‌ରେ ନୂଆ ସଭ୍ୟ ଓ ସଭ୍ୟାମାନଙ୍କୁ

ମିଶାଇବାରେ ଲାଗିବି ।

ଏହା ଶୁଣି କାଉଳିଆ ବାବୁ , ବାଉରୀଫୁଲା ନନାକୁ କହିଲେ , ଯଦି ନକଲ ଆଇ ଡି କରିବାର ଅଛି ତେବେ ବେଶୀ ଆଇ.ଡି. ଝିଅ ପିଲା ନାମରେ ଖୋଲ ହେ। ଦେଖିବ ସେମାନଙ୍କୁ ଦେଖି ଅନ୍ୟମାନେ ଛାଟିପିଟି ହୋଇ ଆମ ଗ୍ରୁପ୍‌ରେ ଜଏନ୍ କରିବେ।ନହେଲେ ଆଉ ଯିବେ କୁଆଡ଼େ ?

ଶୋଲୀନାନୀ ଓ ଉରିଅପା କହିଉଠିଲେ, ଆମ ଗ୍ରୁପ୍ ପାଇଁ ଜମା ବ୍ୟସ୍ତ ହୁଅନ୍ତୁ ନାହିଁ ଆମେ ନିଶ୍ଚୟ ୧୦୦୦୦ ଅତି ଶୀଘ୍ର ଅତିକ୍ରମ କରିପାରିବୁ ।ଏଥିପାଇଁ ଆମେ ଆଉ କେତୋଟି ଗ୍ରୁପ୍‌ର ରସିକିଆ ଆଡମିନ୍‌ଙ୍କ ସହ ଦୂରଭାଷରେ କଥାବାର୍ତ୍ତା କରିସାରିଛୁ ।

ଚୋରିଆ ମାମୁଁ ଏସବୁ ଶୁଣିବା ମୁଡ୍‌ରେ ନଥିଲେ ଯେପରି। ସେ ସଭାକୁ ସମାପ୍ତ କରିବା ପୂର୍ବରୁ କହିଲେ ମୋତେ ଏସବୁ କିଛି ଜଣାନାହିଁ। ତମେ କଣ କରୁଛ କର, କିନ୍ତୁ ଗ୍ରୁପ୍‌କୁ ବର୍ଷେ ହେବା ପୂର୍ବରୁ ମୋତେ ୨୫ହଜାର ସଭ୍ୟ ଦରକାର। ସମସ୍ତେ ଏହି କଥାକୁ ଗ୍ରହଣ କଲେ ଏବଂ ଏଥିପାଇଁ ନିଘା ରଖିବେ ବୋଲି ଜବାବ ଦେଇ ସଭାକୁ ସମାପ୍ତ କରିଲେ।

ଏପଟେ ବନ୍ତିଳ ମାଇଁ "ନାରୀଶକ୍ତି" ଗ୍ରୁପ୍ ସହ ଆଉ ଗୋଟିଏ ଗ୍ରୁପ୍ ଖୋଲିସାରିଲେଣି ସାହିତ୍ୟ ଓ ସଂସ୍କୃତିପାଇଁ । ଏହାର ନାମ ରଖାଯାଇଛି "ସାହିତ୍ୟ-ସଂସ୍କୃତି" ବୋଲି। ନାରୀଶକ୍ତି ଗ୍ରୁପ୍‌ର ସଭ୍ୟସଂଖ୍ୟାକୁ ବର୍ଷ ଶେଷ ସୁଦ୍ଧା ୩୦୦୦୦ରେ ପହଞ୍ଚାଇବାକୁ ସ୍ଥିର କରିଛନ୍ତି ସେ। ସତେ ଯେପରି ଏହା ରୀତିମତ ଗୋଟିଏ ଲଢ଼ାଇ ।

ଏଇମିତି ଫେସ୍‌ବୁକ୍‌ର ଏହି ଶୀତଳଯୁଦ୍ଧ ଧିରେଧିରେ ସମସ୍ତଙ୍କ ବ୍ୟକ୍ତିଗତ ପରିସୀମାକୁ ଅତିକ୍ରମ କରି ସମ୍ପର୍କର ସେତୁ ଆଡ଼େ ବଢ଼ିଲାଣି । ନିତିଦିନ କେତେ ବନ୍ଧୁତ୍ୱ ସମ୍ପର୍କ ଗଢୁଛି କେତେ ଶତ୍ରୁତା ହେଉଛି ତାର କିଛି ସୀମା ନାହିଁ ।  ଗ୍ରୁପ୍ ମଧ୍ୟରେ ବିବାଦ ଏବେ ନିତିଦିନିଆ ହେଲାଣି । ସମସ୍ତେ ଏକତା ଓ ସଂହତିର ବାର୍ତ୍ତାତ ନିଇତି ଦେଉଛନ୍ତି ହେଲେ ଏକତାର ହିଁ ଅଭାବ ଅଛି । ଈଶ୍ୱରଙ୍କ ଏହି ଏକାକାର ସୃଷ୍ଟିରେ ସବୁଠି ଅନେକତା, ସବୁଠି ବିଭେଦର ଛାୟା। ଆଉ ଫେସ୍‌ବୁକ୍ ଯେପରି ଏହି ସମ୍ପର୍କ ଓ ଶତ୍ରୁତାର କୁରୁକ୍ଷେତ୍ର ପାଲଟି ସାରିଛି ।

ସେଦିନ ଥାଏ ରବିବାର।

ବନ୍ତିଳ ମାଇଁ ସକାଳୁ ସକାଳୁ ଦୂରଭାଷରେ ଗନ୍ତେଇତ ଅପାଙ୍କୁ କହିଲେ, "ଜାଣିଛ ଆମ ବାବୁ

ଆମ ଘରକୁ ୱାଇଫ୍ ଆଣୁଛନ୍ତି !"

ଗନ୍ତେଇତ ଅପାଙ୍କ ଅକଲ ଗୁଡୁମ୍, ଉତ୍ତରରେ ସେ କହିଲେ "ମଲାମୋର, କିହୋ ସେ ୱାଇଫ୍ ଆଣୁଛନ୍ତି ଆଉ ତେମେ କଣ ବଡ଼ ଖୁସିରେ ଏକଥା କହୁଛ । ମୁଁ ହେଇଥିଲେନା ଚୋରିଆ ଭାଇନାଙ୍କୁ ନାଛି ଦେଇଥାନ୍ତି।"

ବନ୍ତିଳ ମାଇଁ କହିଲେ, "ବୁଝିଲ ଅପା ମୁଁ କଥାଟାକୁ ଆଗକୁ ବଢ଼ାଇବାକୁ ଚାହୁଁନି। ସେ ଯଦି ୱାଇଫ୍ ମାଡେମ୍ ଆଣିବେ ଆଣନ୍ତୁ, ମୋର କଣଟା ଅସୁବିଧା ହେଇଯିବ ? ମୋତେ ବି ଭଲହେବ। ତାଙ୍କ ସାଙ୍ଗରେ ଆଉ ଗୋଟିଏ ଜାଗାରେ ବସି ମୁହଁ କୁ ମୁହଁ ଲଗାଇ ଷେଣ୍ଢ ଲଢେଇ କରିବାକୁ ପଡ଼ିବନି । ଆଉ ନେଢେଇ କରିବାର ବି ବୟସ ନାହିଁ ମୋର । ୱାଇଫ୍ ଆଣିଲେ ସେବି ଖୁସି ଆଉ ମୁଁ ବି ଶାନ୍ତି।"

ଏହାପରେ ବି ବନ୍ତିଳ ମାଇଁ ଆହୁରି କେତେ ସମୟ କଥା ହେଲେ ଦୁନିଆ ବିଷୟରେ ହେଲେ ଗନ୍ତେଇତ ଅପାଙ୍କ ମୁଣ୍ଡଟା ଝାଇଁ ଝାଇଁ ହେଉଥିଲା । ସେ ମନେ ମନେ ଭାବୁଥିଲେ, ଏ ବନ୍ତିଳ କେଡ଼ିକି ବୋକୀ ଗାଉଁଲୀଆଣୀଟିଏ। ସେ ତୁରନ୍ତ ଏହି ଟେନ୍‌ସନ୍‌ରୁ ମୁକୁଳିବା ପାଇଁ ତାଙ୍କ ସ୍ୱାମୀକୁ ଯାଇ ନିଦରୁ ଉଠାଇଲେ ଝାଙ୍କିଝାଙ୍କି। ଏ ରବିବାରଟାରେ ଏହି ସାଂଘାତିକ ଅତ୍ୟାଚାର ଦେଖି ପାଣୁ ଗନ୍ତେଇତେ କହିଲେ "କିହୋ, ମଣିଷଟାକୁ ରବିବାରଟାରେ ଟିକେ ଶୋଇବାକୁ ଦିଅ ହୋ। " ଗନ୍ତେଇତ ଅପା ବିରକ୍ତିର ଚରମସୀମାରେ ପହଞ୍ଚିଗଲେ । ସେ କହିଲେ "ଏଣେ ମୋ ମିତର ଘର ଉଜୁଡ଼ିବାକୁ ବସିଲାଣି ଆଉ ତୁମର ରବିବାର ପଡ଼ିଛି ? ହଇହୋ ତମ ମରଦଜାତିଟା ଗୋଟିଏ ବଜାତ ଜାତିଟାଏ ହୋ ! ଅଜାଗାରେ ମୁହଁ ମାରିବାର ଅଭ୍ୟାସ ତ ଅଛି ଏବେ ଦାଣ୍ଡର ଅଳିଅକୁ ଘରକୁ ଆଣିବାର ପାଲା ବି ଆରମ୍ଭ ହେଇଗଲାଣି। ଆମ ମାଇପିମାନେ କଣ ତମ ପୋଇଲି ହେଇ ରହିଥିବୁ ହୋ ? "

ପାଣୁ ଗନ୍ତେଇତେ ପୂରା ନିଦରୁ ଉଠି ଆଁଟାଏ କରି କହିଲେ , "ହେ ଦେବୀ ଠାକୁରାଣୀ ସକାଳୁ ସକାଳୁ ଏସବୁ କଣ ବିଳିବିଳୋଉଛ କି ?" ଗନ୍ତେଇତ ଅପା ଫୋନ୍‌ରେ ଶୁଣିଥିବା କଥା ସବୁ ବଖାଣି ବସିଲେ । ଏବେ ପାଣୁ ବାବୁ ନିଜ ସ୍ତ୍ରୀଙ୍କୁ ବୁଝାଇ କହିଲେ "କିହୋ ଏଇଟା ତାଙ୍କ ଘର କଥା । ନିଜେ ଯଦି ବନ୍ତିଳ ଏଥିରେ ଖୁସି ଆମର ଏଥିରେ ଦଖଲ ଦେବା କଣ ଉଚିତ ହେବ ।" ଗନ୍ତେଇତ ଅପାଙ୍କ ଆଖିରେ ଲୁହ ଜକେଇ ଆସିଲାଣି । ସେ କୋହକୁ ସମ୍ଭାଳି କହିଲେ , "ହେଇଟି ମୋତେ

ଲାଗୁଛି ବନ୍ତିଳ ବାୟାଣୀ ହେଇ ଗଲାଣି । ଏଣୁ ଏସବୁ କୁ ସିଏ ଆଉ ବୁଝିପାରୁନି । ଏ ଚୋରିଆ ସଇତାନଟା କେଉଁଠୁ ଅଫିସରେ ଏ ଚକର ଚଲେଇଥିଲା । ମୋ ସାଙ୍ଗକୁ ସବୁ ବୋଧେ ଆଗରୁ ଜ୍ଞାନ ଥିଲା ଏସବୁ । ହେଲେ ଏବେ ନିଜର ଝିଅ ମୁହଁକୁ ଦେଖି ପାଟିଭିଡ଼ି ବସିଛି ବୋଧେ । ଆଉ ଏ ଅସମୟରେ ଆମେ ନଗଲେ ଆଉ କିଏ ଯିବ କହିଲ ?"

ପାଣ୍ଡୁ ବାବୁ କହିଲେ "ମୋର ଫୋନଟା ଟିକେ ଦେଲ ମୁଁ ଟିକେ ଏ ବିଷୟ ଚୋରିଆ ଭାଇଙ୍କୁ ପଚାରିନିଏ।" ଗନ୍ତେଇତ ଅପା କହିଲେ, "ମଲାମୋର  ଚୁଡ଼ାକୁ ଗୁଡ଼ ସାକ୍ଷୀ, କିହୋ ଚୋରିଆ ଚୋରକୁ ପଚାରିବ ଚୋରି କରିଛୁ କି ନାହିଁ । କିଛି ଦରକାର ନାହିଁ । ବେଇଗି ବାହାରିଲ, ସେଇଠି ହିଁ ଦଫାରଫା କରିବି ସବୁ । ଆଉ ଦେଖିବି କେଉଁ ନିଆଁଲାଗି ଡାହାଣୀଟା ମୋର ପିଲାଦିନ ମିତର ଘର ଭାଙ୍ଗିବାକୁ ଆସିଛି । ଦେବିନି ସେ ଚଣ୍ଡୀକୁ ଏ ଖଡ୍ଗମୂଷାରେ ଦୁଇଟା ଖୁନ୍ଦା ? ପାଣ୍ଡୁ ବାବୁଙ୍କର ଆଉ କିଛି କହିବାର ଯୁ ନଥିଲା ।" ଅଗତ୍ୟା ସେ ସ୍ନାନାଦି ନିତ୍ୟକର୍ମ ସବୁ ସମାପନ କରିବାକୁ ବାହାରିଲେ ।

ଏ ଭିତରେ ବନ୍ତିଳ ମାଇଁ ତାଙ୍କର ପ୍ରାୟେକ ସବୁ ସାଙ୍ଗ ମାନଙ୍କୁ ସକାଳୁ ସକାଳୁ ଏହି ସମ୍ବାଦ ସରବରାହ କରିବାରେ ଲାଗିଯାଇଥିଲେ । ଏହି ଖବର ଶୁଣି ଇଏ ତାକୁ , ସେଇ ୟାକୁ ପୁଣି ଫୋନ୍ କରି ଏ ଖବରର ସତ୍ୟତା ପରଖି ନେଲେ । ବନ୍ତିଳ ମାଇଁଙ୍କ ପ୍ରାୟ ସମସ୍ତ ବନ୍ଧୁଙ୍କ ଘରେ ଆଜି ସକାଳୁ ସକାଳୁ ଏ ତୁମ୍ବିତୋଫାନ ଖବର ପ୍ରଚାର ହୋଇ ସାରିଲାଣି । ଏବେ ପ୍ରାୟ ଅନେକ ପ୍ରସ୍ତୁତ ହେଉଛନ୍ତି ବନ୍ତିଳ ମାଇଁଙ୍କ ଘରକୁ ଆସି ଚୋରିଆ ମାମୁଁଙ୍କ ନୂଆ ସ୍ତ୍ରୀଙ୍କୁ ଦେଖିବେ ବୋଲି । ଏଣୁ ଆଜି ସମସ୍ତଙ୍କ ଘର ବଡ଼ ସରଗରମ । କିଏ ନିଜ ସ୍ୱାମୀଙ୍କ ସହତ କିଏ ଏକାକୀ ବନ୍ତିଳ ମାଇଁଙ୍କ ଘରକୁ ଆସିବାକୁ ପ୍ରସ୍ତୁତ ହେଲେଣି ।

ବନ୍ତିଳ ମାଇଁ ଆଜି ଟିକେ ଶୀଘ୍ର ଘରର କାମଦାମ ସାରି ଡ୍ରଇଙ୍ଗ୍ ରୁମ୍‌ରେ ଜଗି ବସିଛନ୍ତି ଚୋରିଆ ମାମୁଁଙ୍କ ଆସିବା ବାଟକୁ । ସେ କାହାକୁ ଧରି ଆସିବେ, ଆଉ କଣ ସବୁ ଆଗକୁ ହେବ ଏ ସବୁ ଜାଣିବାକୁ ଅତି ଉଦ୍‌ଗ୍ରୀବ ସେ ମଧ୍ୟ । ଉଲି କୁ ଏଣେ ଏସବୁ ରୁ ବିଦାକରି ତା ସାଙ୍ଗଘରକୁ ପଠାଇଦେଇଛନ୍ତି ପଢ଼ିବା ପାଇଁ ।

ବେଳ ଆସି ଦି ପହର ହେଲାଣି ।ବନ୍ତିଳ ମାଇଁଙ୍କ ସାଙ୍ଗସାଥି ସବୁ କଥାବାର୍ତ୍ତା ହୋଇ ଅତି ସନ୍ତର୍ପଣରେ ବନ୍ତିଳ ମାଇଁଙ୍କ ଘରେ ପ୍ରବେଶ ହେଲେ । ଉପର ଘରୁ ହଠାତ୍ ବନ୍ତିଳ ମାଇଁଙ୍କ ବଡ଼ପାଟି

ଶୁଭିଲା । ତା ସାଙ୍ଗରେ ଅଟ୍ଟହାସ୍ୟ । ତାପରେ ସେ କହିବାର ଶୁଣାଗଲା , ଆରେ ଏଇଟ ତ ଅତି ଆଚମ୍ବିତ କଥା । ତମେ ଇମିତି କିମିତି ଭାବିପାରିଲ । ତାର ପ୍ରତ୍ୟୁତ୍ତରରେ ଚୋରିଆ ମାମୁଁ କହିବାର ଶୁଣାଗଲା, ଆରେ ମୋ ଭୋଳି, ଏଇଟା ଆଜିକାଲି ସବୁଠି ହେଉଛି ଆଉ ସମସ୍ତେ କରୁଛନ୍ତି, ଏଣୁ ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ? ଏଇ କଥା ଶୁଣି ତଳଘରେ ଗନ୍ତେଇତ ଅପା ଆଉ ସାମଲ ନାନୀଙ୍କ ପାଠି ଅଠା ହେଇଗଲାଣି । ଏ ସବୁ କଣ ଚାଲିଛି ? ଏ ବାୟାଣୀ ଏଇମିତି ବୋକୀଭଳି ଏ କଣ ପଚାରୁଛି ଆଉ ସେ ଅଲାଜୁକ ଚୋରିଆବି କିପରି ଉତ୍ତର ଦେଉଛି ଭାବି ସମସ୍ତେ ଗୁପୁଚୁପୁ ଆରମ୍ଭ କରିଦେଲେ । କେଉଁପରି ବନ୍ତିଳ ମାଇଁଙ୍କୁ ସେମାନେ ସାନ୍ତ୍ୱନା ଦେବେ ଆଉ ବୁଝାଇବେ ଚୋରିଆ ମାମୁଁଙ୍କୁ ।

ଏଣେ ତଳେ କିଛି ଫୁସୁରୁ ଫାସର ଶୁଣି ବନ୍ତିଳ ମାଇଁ ତଳକୁ ଆସି ଦେଖିଲେ ତାଙ୍କର ୫ଜଣ ବନ୍ଧୁ ଆଉ ସେମାନଙ୍କ ସହ ତିନିଜଣଙ୍କ ସ୍ୱାମୀ ମଧ୍ୟ ଆସିଛନ୍ତି । ସେ ଅତି ଆଶ୍ଚର୍ଯ୍ୟ ହୋଇ ତଳକୁ ଆସିଲେ ଆଉ ଖୁସିରେ ସମସ୍ତଙ୍କୁ ସ୍ୱାଗତ କଲେ । ତରବରରେ ରୋଷଘରକୁ ଯାଇ ପାନୀୟ ଆଣି ପରଷି ଦେଲେ । ଆଉ ଅତି ଖୁସିରେ କହିଲେ ଆଜି ମୋର ଅହୋଭାଗ୍ୟ । ସମସ୍ତେ ମଧ୍ୟାହ୍ନ ଭୋଜନ କରିଯିବ । ଉପରୁ ଚୋରିଆ ମାମୁଁ ଡାକଦେଲେ , କିହୋ କଣ ହେଲା ? ତଳେ ଯାଇ କଣ ଲାଗିଗଲ କି ? ବନ୍ତିଳ ମାଇଁ ତୁରନ୍ତ ଉତ୍ତର ଦେଲେ, ତମେ କାମସାରି ତଳକୁ ଆସ ଆଉ ଦେଖ ଆଜି ଆମ ଘରକୁ କିଏ ସବୁ ଆସିଛନ୍ତି । ମାଇଁଙ୍କର ଏହି ଅପୂର୍ବ ଧୈର୍ଯ୍ୟ ଦେଖି ସାମଲ ନାନୀ, ଗନ୍ତେଇତ ଅପା, ପଣ୍ଡା ଖୁଡ଼ୀ ତାଙ୍କୁ ଗୋଟିଏ କଣ କୁ ଡାକି ନେଇ କହିଲେ , କିଲୋ ୱାଇଫ୍ କେଉଁଠି ଅଛି ? ବନ୍ତିଳ ମାଇଁ କହିଲେ ବେଡ଼ରୁମ୍‌ରେ । କାହିଁକି ନା ସେଇଠି ରହିଲେ ହିଁ ଭଲ ହେବ ବୋଲି ବାବୁ କହିଲେ । ଏବେ ଆଉ କିଛି ଟେନ୍‌ସନ୍ ନାହିଁ ।

ବନ୍ତିଳ ମାଇଁ ଦେଖିଲେ ସମସ୍ତେ ହତବାକ୍ ହୋଇ ତାଙ୍କୁ ଆଁ କରି ଅନାଇଁ ରହିଛନ୍ତି । ସେ ବୁଝିପାରିଲେନି ପ୍ରକୃତ କଥାଟା କଣ । ମିଶ୍ର ମାଇଁ କହିଲେ, ଝିଅ ତମର କିଛି ଆପତ୍ତି ନାହିଁ ଚୋରିଆ ମାମୁଁଙ୍କ ଏହି ନିର୍ଣ୍ଣୟରେ । ବନ୍ତିଳ ମାଇଁ କହିଲେ , ସେ ଯାହା ଭଲ ଭାବି କରିଛନ୍ତି ଏଥିରେ ଆଉ ମୋର କଣ କହିବାର ଅଛି । ଏଇଟା ଆଣିଲେ ଯଦି ସେ ଖୁସି ତେବେ ମୋର ବା କଣ ଅସୁବିଧା । ସେ ଯାହା କରନ୍ତି ଭାବିଚିନ୍ତି କରନ୍ତି ଆଉ ମୋର ପୂରା ବିଶ୍ୱାସ ଅଛି ସେଥିରେ ।

ଏହା ଶୁଣି ଗନ୍ତେଇତ ମାଇଁ କ୍ରୋଧର ପଞ୍ଚମ ତାନ କୁ ଯାଇ ଗରଜି ଉଠିଲେ । ତାର ଖୁସି ନା ରଢ଼ ! କିଲୋ ତୋର ମୁଣ୍ଡ ଠିକ୍ ଅଛିତ ? ଘର ଏଣେ ବୁଡ଼ି ଆଣ୍ଠିଏ ପାଣି, ତୁ କଣ କହୁଛୁନା ସେ ଯାହା କରନ୍ତି ଭାବିଚିନ୍ତି କରନ୍ତି । ଏବେ ବୁଝିଲୁ ତୋର ଜୀବନ ଅସର ହେଇଯିବ । ଉଲିକୁ ଲୋକେ ବାଟରେ ଘାଟରେ ଉଲୁଗୁଣା ଦେବେ । ପିଲାଟାକୁ ଆଉ କିଏ ବିଭା ହେବେନି ଟି । ଏବେ ବି ସମୟ ଅଛି, ଟିକେ ଭାବେ ପିଲାଟାର କଥା । ଏ ଅଣ୍ଡିରା ଗୁଡ଼ାକ ଏଇମିତିକା ଲୋ ମା । ତୋ ଘର ତୁ ନ ସମ୍ଭାଳିଲେ ସେ ଏଇମିତି ପାଲା ଲଗେଇ ଥିବ ।

ଏହି କଥା ଶୁଣି ବନ୍ତିଳ ମାଇଁ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଗନ୍ତେଇତ ମାଇଁଙ୍କ ମୁହଁକୁ ବଲବଲ ହୋଇ ଅନାଇ ରହିଲେ । ଆଉ ଏ ପାଟି ଶୁଣି ଚୋରିଆ ମାମୁଁ ତଳକୁ ଧାଇଁ ଆସିଲେ । ଏ ଅଦିନ ଭିଡ଼ ଘରେ ଦେଖି ପରିସ୍ଥିତିର ଅନୁଶୀଳନ କରିବାକୁ ଲାଗିଲେ ସେ । ଏ ସମୟରେ ପାଣ୍ଡୁ ବାବୁ , ଚୋରିଆ ମାମୁଁଙ୍କ ନିକଟକୁ ଯାଇ ତାଙ୍କ ହାତ ଧରି କହିଲେ, ବୁଝିଲ ଭାଇନା, ବାହାରେ ଏସବୁ କଲେ ଅଲଗା କଥା ହେଲେ ଘର ଭିତରକୁ ଏ ସବୁ ନେଇ ଆସିବାଟା କଣ ଭଲ କଥା କି ? ମୋର କିଛି ଅଧିକାର ନାହିଁ , ହେଲେ ସାନଭାଇ ହିସାବରେ ଏତିକି କହିବି ଯେ,  ମୋତେ କଥାଟା ଜମା ଭଲ ଲାଗିଲା ନାହିଁ । ଏଥର ଚୋରିଆ ମାମୁଁଙ୍କ ଚକିତ ହେବାର ପାଳି , ସେ ଧିରେ ଧିରେ ବନ୍ତିଳ ମାଇଁଙ୍କ ନିକଟକୁ ଆସି ତାଙ୍କ ହାତ ଧରି ପଚାରିଲେ, କିହୋ ଏ ସବୁ କଣ କହୁଛନ୍ତି ଏମାନେ ଆଉ କଣ ଚାଲିଛି ଏ ରବିବାରଟାରେ ? ବନ୍ତିଳ ମାଇଁଙ୍କର ବି ହଜମ ହେଉନି ଏକଥା ସବୁ । ସ୍ୱାମୀ ସ୍ତ୍ରୀ ଦୁହେଁ ଆଖିରେ ଆଖିଏ ପ୍ରଶ୍ନବାଚୀ ନେଇ ଏ ଆଠଜଣଙ୍କୁ ଦେଖୁଛନ୍ତି ।

ଏ ସମୟରେ ପଟ୍ଟନାୟକ ମାଉସୀ, ସକାଳେ ବନ୍ତିଳ ମାଇଁ ଫୋନ୍‌ରେ କହିଥିବା ୱାଇଫି ମାଡେମ୍‌ଙ୍କ ସବୁ କଥା କହିଲେ ଚୋରିଆ ମାମୁଁଙ୍କୁ ।  ଏହା ଶୁଣି ବନ୍ତିଳ ମାଇଁ ଛାନିଆଁ ଆଉ ଚୋରିଆ ମାମୁଁ ହସି ହସି ବେଦମ୍ । ସେ ସମସ୍ତଙ୍କୁ ବସିବାକୁ ଇସାରା ଦେଇ କହିଲେ, ହେ ଭଗବାନ ଏ ଓଲେଇ ସ୍ତ୍ରୀ ଆଜି ଆଉ ଗୋଟାଇ ପାଲା ଲଗେଇ ଦେଲା ଏ ଖଣ୍ଡିଆ ଇଁରାଜୀ କହି । ସେ ଏବେ ବୁଝାଇ କହିଲେ ଯେ  ଘରେ ଗୋଟିଏ ନେଟ୍‌ୱାର୍କ୍ ପଇଣ୍ଟ ଥିବାରୁ ସେ ଆଜି ଜଣେ ଟେକ୍‌ନିସିଆନ୍‌ଙ୍କୁ କହି ଘରକୁ ଗୋଟିଏ ୱାଇ – ଫାଇ/ ମଡ଼େମ୍ ଆଣିଲେ । ଏବେ ଦୁହେଁ ନିଜ ନିଜ ସୁବିଧାରେ ବସି ଇଣ୍ଟର୍‌ନେଟ୍ ବ୍ୟବହାର କରିପାରିବେ ବୋଲି । ଏଇୟା ହେଲା ୱାଇଫ୍ ମାଡ଼େମ୍‌ର ଇତିବୃତ୍ତ। ଏ କଥା ଶୁଣି ଗନ୍ତେଇତ ଅପାଙ୍କ ପାରଦ କମି ଆସିଲା ଆଉ ସେ ଲାଜେଇ  ଗଲେ ଚୋରିଆ ମାମୁଁଙ୍କ

ଆଗରେ । ଏବେ ସମସ୍ତେ ମିଳିତ ଭାବରେ ଏକନାଦରେ ଉଚ୍ଚସ୍ୱରରେ ହସି ଉଠିଲେ । ବନ୍ତିଳ ମାଇଁ ସମସ୍ତଙ୍କୁ କ୍ଷମା ମାଗିଲେ ନିଜର ଏଇ ଖଣ୍ଡି ଇଂରାଜୀ ବ୍ୟବହାର ପାଇଁ ,ସେଇଟା ବି ଖଣ୍ଡି ଇଁରାଜୀରେ । ତାପରେ ସେ ନିଜକୁ ନିଜେ ବୁଝେଇବାକୁ କହିବାରେ ଲାଗିଲେ , ସେ ଯାହାହେଉ ମୋ ଖଣ୍ଡି ଇଂରାଜୀ ପାଇଁ ଆଜି ସମସ୍ତେ ତ ଗୋଟେ ଯାଗାରେ ହସି ମିଶି ବସିଲେ । ସେ ନିଜର ବନ୍ଧୁଙ୍କୁ ଡାକି ରନ୍ଧାଘରକୁ ଡାକିନେଲେ ରନ୍ଧାବଢା ପ୍ରସ୍ତୁତି ପାଇଁ ।

ଏଣେ ଏ ଚାରି ବନ୍ଧୁ ହସି ହସି ବେଦମ୍ ହେଲେଣି । ଉଲି ଘରକୁ ପଶି ଦେଖିଲା ତା ବାପା ଆଉ ସାଙ୍ଗ ସବୁଙ୍କ ହସରେ ହଲ୍‌ଟା ଫାଟି ପଡୁଛି ଆଉ ସେପଟେ ରନ୍ଧାଘରେ ଆହୁରି ଅଧିକ ହାସ୍ୟରୋଳର ସ୍ୱର ଉଠୁଛି । ସେ କିଛି ନ ବୁଝି, ପ୍ରଥମେ ବାପାଙ୍କ ବନ୍ଧୁଙ୍କୁ ପ୍ରଣାମ ଜଣାଇଲା । ତାପରେ, ବାପାଙ୍କ ନିକଟକୁ ଯାଇ ପଚାରିଲା କଥା କଣ ?

ତା ବାପା ହସି କହିଲେ , ବେଡ଼ରୁମ୍‌କୁ ଯାଇ ଦେଖେ ମୋର ନୂଆ ୱାଇଫ୍ ମାଡେମ୍‌ଙ୍କୁ।

ଉଲି ଛାନିଆ ହେଇଗଲା ଆଉ କହିଲା ଏଇଟା କି କଥା ?

ଚୋରିଆ ବାବୁ କହିଲେ , ଏଇଟା ତୋ ମାର ଇଂରାଜୀ ଶବ୍ଦକୋଷ । ( କ୍ରମଶଃ )

( ଏହି ଲେଖାରେ କିଛି ଇଂରାଜୀରୁ ଓଡ଼ିଆର ଅପଭ୍ରଂଶ ଶବ୍ଦ ବ୍ୟବହାର କରାଯାଇଛି । କେତେ ସରଳ ଗାଉଁଲୀ ଲୋକ ଗାଁ ଗହଳରେ ଏଇଭଳି ଶବ୍ଦ ଏବେବି କହୁଛନ୍ତି । ବନ୍ତିଳ ମାଇଁ ଚରିତ୍ରଟି ଏକ ଗାଁ ଝିଅ ଯିଏକି ବାହା ହୋଇ ଏବେ ସହରର ରହିଅଛନ୍ତି ।

ଏଣୁ ପାଠକମାନଙ୍କୁ ଅନୁରୋଧ ଏହି ଭାବ କୁ କଦର୍ଥ ନକରି ଲେଖାଟିକୁ ପଢ଼ିବେ । ଭାଷାକୁ ବିକୃତ କିମ୍ବା ଅନ୍ୟର୍ଥ କରିବାର ମୋର କୌଣସି ଉଦ୍ଦେଶ୍ୟ ନୁହଁ । )

(କମ୍ପୁଟର – Computer / କିରିକେଟ୍ - Cricket , ଏସ୍‌ପେନ୍‌ସ୍ - Experience , ଡିରାମା - Drama, ଫାରବାଡ଼ – Forward, ଗିଫିଟି – Gift, ଇମ୍ପୋଟେଣ୍ଟ୍- Important, ଗ୍ରୁପୁ-Group , କେପିଚି – K.F.C.,ମେଡେମ୍ - Madam, / ମେଲେ – M.L.A., / ମିସିନି - Machine , / ମାର୍କାମରା ଜୋକବର୍ଗ – Mark Zuckerberg / ମାଡ଼ଲୋଡ଼ – Mcdonalds ), ପି.ସା.ବ. – Pizza,Sandwich,Burger, ପିଜାହାଟ – Pizza Hut , ପମୋଶନ – promotion, ଫୁନ୍ ରେକେଟ୍ - Request, ସିକିମ୍ - Scheme, / ଇସ୍କୁଲ – School, ସ୍କାପି – Skype, / ସ୍ୟାଣ୍ଡାଲ୍ - Scandal,ଟେଁସନ – Tension, / ଟେମ୍‌ପାସ୍ - Time Pass, / ଟେକ୍ ୱେ – Take away )

www.aahwaan.com

# କଇଁ ପାଇଁ ପଦେ...



ଅସିତ କୁମାର ପଣ୍ଡା

କଇଁ ଲୋ..
ସମସ୍ତେ କୁହନ୍ତି ତୁ' କୁଆଡେ
କେବଳ ମୋ'ରି ପାଇଁ  ଫୁଟି
ମୋ'ରି ପାଇଁ ହିଁ ମଉଳି ଯାଉ
ସମସ୍ତଙ୍କ ମୁହଁରେ ତୋ ପାଇଁ
ଆହା ପଦ ଥାଏ
ଆଉ ମୁଁ ହୋଇଯାଏ
ପ୍ରତାରକ ପ୍ରେମିକ ଟିଏ
ଯିଏ ରାତି ପାହିଲେ
ତୋତେ ଏକା ଛାଡି ଚାଲିଯାଏ

ସତରେ କ'ଣ ତୁ ମୋ' ପାଇଁ ହିଁ ଫୁଟୁ ?
ଉଆଁସର ସେ ନିଷ୍ଠୁର ବଳୟରେ
ମୁଁ ବନ୍ଦି ଥିଲାବେଳେ
ତୁ କଣ ହସୁନି ଏକା ଏକା
ତୋ ପାଖୁଡା ମେଲେଇ?

ମୁଁ ସିନା ଅଭିଶପ୍ତ ଅଭାଗାଟେ
କ୍ଷୟ ହେବା ଯାହାର ନିଶ୍ଚିତ ନିୟତି
ରାତି ଥାଉ ଥାଉ କେବେ ବନ୍ଧା ହୋଇ ଯାଏ
ତୋତେ ଏକା କରି
ହେଲେ ଯେବେ ତୋ ପାଇଁ
ଜଡ ହୋଇ ରହେ ପ୍ରହର ପ୍ରହର
ଦିନର ପାଦ ଶବଦେ
ତୁ ସିନା ଲୁଚାଉ ନିଜକୁ
ମୁଁ କିନ୍ତୁ ଚାହିଁ ରହେ ତତେ
ସୂର୍ଯ୍ୟ ମୋତେ ଜାଳିବା ପର୍ଯ୍ୟନ୍ତ

ତଥାପି ପାରେନା ଜାଣି
ଦୁନିଆଁ ଆଖିରେ କିଆଁ
ପ୍ରତାରକ ସାଜେ ମୁଁ ନିତି
କେହି କିଆଁ ପାରନ୍ତିନି ବୁଝି
ଏ ଜହ୍ନର ଯନ୍ତ୍ରଣା
ଆଉ କିଏ ଜାଣୁ ବା ନଜାଣୁ
ତୁ'ତ ଜାଣିଛୁ
ଯେତେ ଦୂରରେ ଥିଲେବି
ମୁଁ ତୋ'ର କେବଳ
ତୋ'ର--- ତୋ' ଜହ୍ନ !!!!!

# ବାଘ



ସୌମ୍ୟ ସାରସ୍ୱତ ଦାଶ

ମାଟି କାନ୍ଥର ଝରକା ପାଖରେ ବସି ଅସୁମାରୀ ସ୍ୱପ୍ନର ଗାଲିଚା ବୁଣିଚାଲିଥିଲା ସମ୍ବାରୀ। ନିଜ ଭିତରର ଅପରିପକ୍ୱ ଭ୍ରୁଣଟିକୁ ଅନୁଭବ କରି ନୂଆ ରାଜ୍ୟ ଭିତରେ ବୁଡ଼ିଯାଉଥିଲା। ସତରେ ୟା ଭିତରେ ସେ କେତେ ବଡ଼ ହୋଇଗଲାଣି ମ! ଏଇ ତ କାଲି ଭଳିଆ ଲାଗୁଚି, ତା ମା ସାଙ୍ଗରେ ପାଖ ଜଙ୍ଗଲକୁ ଯାଉଥିଲା ମହୁଲ, ଶାଳ ଫୁଲ ଖୁଣ୍ଟିବାକୁ। ଆଉ ଆଜି ସେଇ ନିଜେ ମା' ହେବାକୁ ଯାଉଛି। ଟୋଲ ତେଲ ଦୀପର ଝାପ୍‌ସା ଆଲୁଅରେ ନିଜ ଦେହ ଉପରେ ଥରେ ନଜର ପକେଇ ଆଣିଲା। କାଇଁ କିଛି ତ ବଦଳିନି। ତା'ହେଲେ ପଡ଼ିଶାଘର ମାଉସୀ ଏମିତି କାଇଁ ଯେ କହିଲା !

ହେଇଥିବ, ତା'ର କାଳେ ଏବେ ପହିଲା ମାସ ଚାଲିଛି। ସେଇଥିପାଇଁ ବାହାରୁ କିଛି ଜଣାପଡୁନି। ହେଲେ ଦିହଟା କେମିତି କେମିତି ଲାଗୁଛି, ଆଉ ଖାଇବାକୁ ବି ଇଚ୍ଛା ହେଉନି ଜମା। ଏଇଟା ତା'ହେଲେ ଗର୍ଭବତୀ ହେବାର ଲକ୍ଷଣ। ସମାଜରେ ଜଣେ ନୂଆ ଅନୁଭବୀ ପାଲଟି ଯିବାର ଖୁସିରେ ବୋଧହୁଏ ତାକୁ ଭୋକ ଲାଗୁନଥିବ। ବେଳ ବୁଡ଼ିବା ବେଳେ ଝରକା ପାଖରେ ବସି ସୂର୍ଯ୍ୟ ଆଉ ଜହ୍ନଙ୍କର ଲୁଚକାଳି ଖେଳ ଭିତରେ ନିଜ ଖୁସିକୁ ଆପେ ଆପେ ଅନୁଭବ କରିବାଟା ତା'ର ଗୋଟେ ନିତିଦିନିଆ ଅଭ୍ୟାସ ପାଲଟି ଯାଇଥିଲା।

'ସମ୍ବାରୀ... ସମ୍ବାରୀ...। ' ରଇବୁର ଡାକରେ ଅସରନ୍ତି ଭାବନାର ରୂପରେଖରେ ପୂର୍ଣ୍ଣଛେଦ ପକେଇଥିଲା ସମ୍ବାରୀ।

ବଣପାହାଡ଼ ଘେରା ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲ୍ଲା ଚମ୍ପୁଆ ବନଖଣ୍ଡ। ଚମ୍ପୁଆ ନିକଟବର୍ତ୍ତୀ ଜାବରା ଘୁଟୁ ପାହାଡ଼ ତଳେ ଗୋଟେ ଛୋଟିଆ ଗାଁ ଚନ୍ଦ୍ରଶେଖରପୁର। ରଇବୁ ଆଉ ସମ୍ବାରୀ ଦୁହେଁ ଏଇଠି ବଡ଼ ହେଇଛନ୍ତି। ଆଗରୁ ଗାଁ ର ନାଁ କିଛି ନଥିଲା। ସମସ୍ତେ ନୂଆଗାଁ ଡାକୁଥିଲେ। ହେଲେ ଚମ୍ପୁଆ ବନଖଣ୍ଡର ଛୋଟ୍ ବିଟ୍ ହାଉସଟିଏ ଖୋଲିବାପରେ ଗାଁ ନାଁ ବଦଳେଇ ଦିଆଗଲା। ଗାଁ ନାଁ ସିନା ବଦଳିଯାଇଥିଲା, ହେଲେ ରଇବୁ, ସମ୍ବାରୀ ଆଉ ଗାଁର ଅନ୍ୟ ସବୁ ବାସିନ୍ଦାଙ୍କର ନା ଜୀବନ ବଦଳିଥିଲା ନା ଜୀବିକା।

ରଇବୁ ପାଞ୍ଚହାତିଆ ମର୍ଦ୍ଦ। ବୟସ ଏବେ ବାଇଶି କି ତେଇଶି ହେବ। ହେଲେ ଦେହରେ ଅମାପ ବଳ। ଦଶଫୁଟିଆ ଗଛକୁ ଦଶ ଚୋଟରେ କାଟିପକାଏ। ଭାରୀ ସାହସୀ। ତାକୁ ପନ୍ଦର ବର୍ଷ ବେଳକୁ କାଳେ ଗୋଟେ ହେଟା ବାଘକୁ ଏକା ଏକା ଗୋଟେ ଟେଣ୍ଟାରେ ସାବାଡ଼୍ କରି

ଦେଇଥିଲା। ସେଇଦିନଠୁ ସେ ଟେଣ୍ଡା ତା କାନ୍ଧରେ ପଡୁଛି। ବିଟ୍ ହାଉସ୍‌ର ଫରେଷ୍ଟ ଗାର୍ଡ଼ ଚକ୍ରଧର ଜେନା ତାକୁ ଆଦିବାସୀ ବୋଲି ଡାକିଲେ ତା ଛାତି ଆହୁରି ଚଉଡ଼ା ହୋଇଯାଏ। ସିଂହଭଳି ଛାତି ଫୁଲେଇ ଚାଲେ। ପିଲାଟି ଦିନରୁ ମା ବାପାଙ୍କୁ ହରେଇଥିଲା। ସେଇଥିପାଇଁ ଏଇ ଜଙ୍ଗଲ, ଜାବରା ଘୁଟୁ, ଝରଣା ତା'ଅଜାଣତରେ ତାର ଆପଣାର ପାଲଟି ଯାଇଥିଲେ।

ସମ୍ବାରୀର ବାପା ନଥିଲା। ତା ବାପାକୁ କାଳେ ବାଘ ମାରି ଦେଇଥିଲା। ସେଇଦିନଠୁ ତାର ବାଘପ୍ରତି ଭାରି ଡର। ତା ମା ସାଙ୍ଗରେ ଏକା ରହୁଥିଲା ସେ। ଜଙ୍ଗଲକୁ ଯାଉଥିଲା କାଠ, ଶାଳପତ୍ର, ଛତୁ, ମହୁଲ ଆଣିବାକୁ। ଧିରେ ଧିରେ ସମ୍ବାରୀ ବଡ଼ ହେଇଥିଲା। ସେତେବେଳକୁ ସମ୍ବାରୀକୁ ଜମା ପନ୍ଦର କି ଷୋହଳ ବର୍ଷ ବୟସ ହେବ। ତା ଆଖି, ଓଠ ଆଉ ଛାତିରୁ ଯୌବନର ଛୁଆଁ ସଠିକ୍ ବାରି ହେଉଥିଲା। ପୁରିଲା ଯୌବନକୁ ନେଇ ଝିଅ ଏକା କେମିତି ରହିବ ଏହି କଥାକୁ ତା' ମା ଠିକ୍ ବୁଝି ପାରିଥିଲା, ସେଇଥିପାଇଁ ମରିବା ଆଗରୁ ରଇବୁ ହାତରେ ଟେକି ଦେଇଥିଲା।

ଆଦିବାସୀ ହେଲେ ବି ସମ୍ବାରୀ ଥିଲା ଖୁବ୍ ସୁନ୍ଦରୀ। ନୂଆ ଯୌବନର ସଦ୍ୟ ପାହାଚକୁ ଛୁଇଁଥିଲା ଝିଅଟିର ଟଣା ଟଣା ଆଖି, ପୁରିଲା ପୁରିଲା ଗାଲ ଆଉ ଛାତି ତା ସୌନ୍ଦର୍ଯ୍ୟର ପ୍ରମାଣ ଦେଉଥିଲା। ରଇବୁର ହାତ ଧରିଲା ପରେ ନିଜକୁ ଭାରି ସହଜ ଓ ସୁରକ୍ଷିତ ମନେ କରୁଥିଲା ସେ। ରଇବୁର ବଳିଷ୍ଠ ବାହୁଭିତରେ ହଜି ଅନେକ ସ୍ୱପ୍ନ ଦେଖୁଥିଲା। ସମ୍ବାରୀ ଫୁଲ ତୋଳେ। ଠାକୁରାଣୀ ପାଖକୁ ଯାଏ। ଗୁହାରୀ ଜଣାଏ। ହେଲେ ଆଉ ବଣକୁ ଯାଏନି। ଯାଏନି ମାନେ ରଇବୁ ତାକୁ ଯିବାକୁ ଦିଏନି। ରଇବୁ ବଣକୁ ଗଲାପରେ ଆହତ ପକ୍ଷୀଟିଏ ପରେ ଖାଲି ଛଟପଟ ହୁଏ। କେତେଥର ତା'କୁ କହିଛି, 'ତୁ ଆଉ ବଣ୍ କେ ଯା' ନାଇଁ। '

ରଇବୁ ହସ ମେଲେଇ ଦିଏ।

'ବଣ୍ କେ ନାଇଁ ଗଲେ ଖାଇବା କି ଗା ?'

ସମ୍ବାରୀ ଚୁପ୍ ହୋଇଯାଏ। ହେଲେ ମଣିଷଖିଆ ବାଘର ଗୋଟେ ଭୟଙ୍କର ଚେହେରା ତା ଆଖି ଆଗରେ ସବୁବେଳେ ନାଚି ବୁଲୁଥାଏ।

ଗାଁର ସବୁଠାରୁ ଦମ୍ଭିଲା ମର୍ଦ୍ଦ ରଇବୁ। ଖାସ୍ ସେଇଥିପାଇଁ ଚକ୍ରଧର ତାକୁ ବିଟ୍ ହାଉସ୍ ଆଡ଼େ ଡାକେ। ବିଡ଼ି ପିଇବାକୁ ଦିଏ। ଆଉ ବେଳେ ବେଳେ ବିଦେଶୀ ନାଲିପାଣି ଟିକେ ବି। ହେଲେ ମୂଳ କାରଣଟା ହେଲା ଚକ୍ରଧରର ବଣଜନ୍ତୁଙ୍କୁ ଭାରି ଡର। ଖାଲି ପାଠ ଦି ଅକ୍ଷର ପଢ଼ିଛି

ବୋଲି ନା। ନ ହେଲେ ଖାକି ବର୍ଦ୍ଦି କିଏ ଆଉ ସିଏ କିଏ ? ସେଇଥି ପାଇଁ ଜଙ୍ଗଲ ଭିତରକୁ ଗଲେ ରଇବୁ କୁ ଡାକେ। ଚକ୍ରଧର ଡାକ ଶୁଣିଦେଲେ ରଇବୁ କାନ୍ଧରେ ଟେଣ୍ଟା ପକେଇ ଡଗ ଡଗ ବାହାରିପଡ଼େ। ବେଳେ ବେଳେ ଆଉ ଜଣେ ବଡ଼ବାବୁ ଆସନ୍ତି। ଦି ତିନି ଦିନ ରହି ଯାଆନ୍ତି। ଚକ୍ରଧର ଚିହ୍ନେଇ ଦେଇଛି। ଇୟେ ହେଲେ ଫରେଷ୍ଟର ବାବୁ। ହେଲେ ରଇବୁ ପାଟିରେ ସେ ଅଖାଡୁଆ ପଦୁଟା ପଶେନି। ସେ ଡାକେ ବଡ଼ବାବୁ। ବଡ଼ବାବୁ ଆସିଲେ ରଇବୁ କୁ ଡକାପଡ଼େ। ବିଟ୍ ହାଉସରେ ବୋଲହାକ କରିଦେଲେ ଗଲାବେଳେ ବାବୁ ପଚାଶ ଟଙ୍କିଆ ନୋଟ୍ ଖଣ୍ଡେ ହାତରେ ଧରେଇ ଦେଇ ଯାଆନ୍ତି। ନୋଟ୍‌ଟିକୁ ଦେଖି ରଇବୁ ଛାତି କୁଣ୍ଢେ ମୋଟ। ଗାଁ ସାରା ଦେଖାଏ। ସମ୍ବାରୀ କାନିରେ ବାନ୍ଧି କରି ରଖିଦିଏ।

ଚକ୍ରଧର ଟା ଘୋଡ଼ା ମଦୁଆ। ପୁଣି ତା'ର ହାବଭାବ ସମ୍ବାରୀକୁ ଭଲ ଲାଗେନି। ସମ୍ବାରୀକୁ ଦେଖିଲେ ତା' ଆଖି ଦିଇଟା ଆପେ ଆପେ ଅଲାଜୁକ ହୋଇଯାଆନ୍ତି। ଖାସ୍ ସେଇଥିପାଇଁ ତା ସାଙ୍ଗରେ ନ ମିଶିବାକୁ ରଇବୁକୁ ସେ କେତେଥର ମନା କରୁଛି। ହେଲେ ରଇବୁ ଖାଲି ସେଇ ପଚାଶ ଟଙ୍କିଆ ନୋଟ୍ ଲୋଭରେ ତା' ସାଙ୍ଗ ଛାଡ଼ି ପାରେନି। ହେଲେ ଚକ୍ରଧରର କୁଦୃଷ୍ଟି ସବୁବେଳେ ସମ୍ବାରୀ ଉପରେ ଥାଏ। ଏମିତିକି ସମ୍ବାରୀକୁ କେତେଥର ଅଶ୍ଳୀଳ ଇଙ୍ଗିତ ମଧ୍ୟ ସେ କରିଛି। ସମ୍ବାରୀକୁ ଏ ସବୁ ବହୁତ ଖରାପ ଲାଗେ। ଲୁଚି ଲୁଚି କାନ୍ଦେ। ସେ ଜାଣିଚି ରଇବୁ ଭାରି ରାଗି। ସେ ଜାଣିଲେ ଚକ୍ରଧରର ମୁଣ୍ଡଗଣ୍ଡି ଅଲଗା କରିଦେବ। ସେଇ ଭୟରେ ରଇବୁକୁ ସେ କିଛି କହିପାରେନି। ନ ହେଲେ ନିଜେ ନିଜେ ଚକ୍ରଧରର ଆଖିଠାରୁ ଦୂରରେ ରହିବାକୁ ଚେଷ୍ଟା କରେ।

------------------------

ସମ୍ବାରୀ ଏବେ ସାତ ମାସର ଗର୍ଭବତୀ। ରଇବୁ ମନ ଖୁବ୍ ଖୁସି। ଆଉ ଦିନ କେଇଟା ଗଲେ ତା ଘର ବି କୁଆଁ କୁଆଁ ଡାକରେ ଫାଟି ପଡ଼ିବ। ସିଏ ବା' ହବ। ସମ୍ବାରୀର ଖୁବ୍ ଯତ୍ନ ନେଉଛି ରଇବୁ। ବଣରୁ ନାନା ଦରବ ଫଳମୂଳ ଆଣି ଦେଉଛି। ବଣମଲ୍ଲୀ ଆଣି ଦେଉଛି। ସମ୍ବାରୀ ଫୁଲଖୋସି ବାହାରକୁ ଆସିଲେ ରଇବୁକୁ ସାକ୍ଷାତ ବନଦେବୀ ଭଳି ଦେଖାଯାଏ। ବଣମଲ୍ଲୀ ନୁହେଁ ବରଂ ସମ୍ବାରୀ ଦେହର ବାସ୍ନାରେ ତା ମନ ପୁଲକିତ ହୋଇ ଉଠେ। ଖାଲି ରୋଷେଇ ଛଡ଼ା ଆଉ କୌଣସି କାମ କରେଇ ଦିଏନି ରଇବୁ। ଏବେ ସନ୍ଧ୍ୟା ଆଗରୁ ଫେରି ଆସେ

ସମ୍ବାରୀ ପାଇଁ। ନିଇତି ସମ୍ବାରୀ ପାଖରେ ବସି ନୂଆ ରଙ୍ଗୀନ ସ୍ବପ୍ନର ସାଗର ଦେଖାଏ। ଆଉ ସମ୍ବାରୀ ବି ସେ ସାଗରରେ ବୁଡ଼ିଯାଏ।

'ରଇବୁ... ରଇବୁ...' ରଇବୁ ଘର ପାଖ ରାତାଙ୍ଗ୍ ମୁଣ୍ଡାର ପାଟି ଶୁଣି ଘରୁ ବାହାରକୁ ଆସିଲା।

'କି ହେଲା ବେ ? କି ପାଇଁ ଚିହ୍ଲୁଛେ ?'

'ବଣ୍ରେ ବାଘ୍ ମାତିଚି, ଘିନୁଆର୍ ଛେଳି ଦୁଇଟାକେ ନେଇଯାଇଛି ଆଉ ମର୍ ଗଞ୍ଜା ଗୁଟେ, ତୁଇ ଆଉ ଇନା ବଣ୍ କେ ଯିବୁ ନାଇଁ। '

'ହାଃ... ହାଃ... ହାଃ...'

ରଇବୁ ସେଇ ଚିରାଚରିତ ହସ ମେଲେଇ ଦେଇଥିଲା, ହେଲେ ଆହୁରି ଜୋରରେ।

'ଏଇ ବଣ୍ରେ ମୁଇଁ ରଜା, ବୁଝ୍ଲେ? ଯା ଯା, ମର୍ କିଛି ହିଆକ୍ ନାଇଁ'।

ହେଲେ ଖବରଟା ରେଞ୍ଜ ଅଫିସ ଯାଏଁ ଚାଲିଯାଇଥିଲା। ପରିଦର୍ଶନରେ ରେଞ୍ଜର ଆଉ ଫରେଷ୍ଟର ଉଭୟେ ଆସିଥିଲେ। ଚକ୍ରଧର ଯାଇ ଡାକ ପକାଇଥିଲା ରଇବୁକୁ।

'କିଏ ବଡ଼ ବାବୁ ଆସିଛନ୍ କି ?' ଖୁସି ମିଶା ସ୍ବରରେ ପଚାରିଥିଲା ରଇବୁ।

'ହଁ, ରେଞ୍ଜର ବାବୁ ବି ଆସିଛନ୍। '

'କିଏ ?'

'ମାନେ ଆଉଜଣେ ବଡ଼ବାବୁ, ଆହୁରି ବଡ଼। '

ବଡ଼ବାବୁ ତ ଏତେ ପଇସା ଦିଅନ୍ତି। ତା'ଠୁ ଆହୁରି ବଡ୍ ବାବୁ ମାନେ ଆହୁରି ପଇସା ମିଳିବ। ଏଇଆ ଭାବି ରଇବୁ ମନ ଆହୁରି ଖୁସି ହେଇଯାଉଥିଲା।

'ସମ୍ବାରୀ, ମୁଇଁ ବଡ୍ ବାବୁ ପାଖ୍କେ ଯାଉଛଇଁ। ' ଏତିକି କହି ଟେଣ୍ଟାଟିକୁ କାନ୍ଧରେ ପକେଇ ଚକ୍ରଧର ସାଙ୍ଗରେ ବିଟ୍ ହାଉସକୁ ଯାଇଥିଲା ରଇବୁ। ରେଞ୍ଜରଙ୍କୁ ଦେଖି ଖୁସିରେ ଦଣ୍ଡବତ ହେଇଥିଲା। ଏଇ ତା'ହେଲେ ବଡ଼ବାବୁଙ୍କ ଉପର ବାବୁ। ବାବୁ ଆଉ ଚକ୍ରଧର ଛେଳି, କୁକୁଡ଼ା ଆଉ ଟଙ୍କା ବାବଦରେ କଣ ସବୁ କଥା ହେଉଥିଲେ। ରଇବୁର ସେ ସବୁ ବୁଝିବାକୁ ତର ନଥିଲା। ସେ ଖାଲି ରେଞ୍ଜର ବାବୁଙ୍କ ଦୁଇ ନଳିଆ ବନ୍ଧୁକଟିକୁ ଡବଡବ କରି ଅନେଇଥିଲା।

ଚକ୍ରଧର ବାବୁଙ୍କ ପାଖରୁ ଟଙ୍କା ନେଇ ପାହ ସହରକୁ ଯାଉଥିଲା। ରେଞ୍ଜର ଆଉ

ଫରେଷ୍ଟର ବାବୁଙ୍କ ସହ ଢେର୍ ସମୟ ସୁଖଦୁଃଖ ହେଇଥିଲା ରଇବୁ। ଜଙ୍ଗଲ, ଗାଁ, ପାହାଡ଼ ଆଉ ସମ୍ବାରୀ ବିଷୟରେ।

'ରଇବୁ, ଚାଲ୍ ଟିକେ ବଣ ଆଡ଼େ ଯିବା। ' ନିଜର ଦୁଇ ନଳିଆ ବନ୍ଧୁକ ଉଠେଉ ଉଠେଉ ରେଞ୍ଜର ବାବୁ କହିଲେ।

ରଇବୁ ଗୋଟେ ବଡ଼ ହୁଁ ମାରିଦେଇ ଉଠିଥିଲା।

ଆଗେ ଆଗେ ରଇବୁ ଛାତି ଫୁଲେଇ ସେନାପତି ଭଳିଆ ଚାଲୁଥିଲା। ପଛେ ପଛେ ରେଞ୍ଜର ଆଉ ଫରେଷ୍ଟର ବାବୁ। ଦିନ ସାରା ବୁଲି ବୁଲି ଦେଖିଲେ ହେଲେ ବାଘର ଚିହ୍ନବର୍ଣ୍ଣ ନାହିଁ। ବରଂ ରଇବୁ ତା ଟେଣ୍ଡାରେ ଚାରିଟା ବଡ଼ ବଡ଼ ଠେକୁଆ ଶୀକାର କରିସାରିଥିଲା। ସନ୍ଧ୍ୟା ହେବା ଆଗରୁ ବିଟ୍ ହାଉସ୍‌କୁ ଫେରି ଆସିଥିଲେ ସମସ୍ତେ। ଚକ୍ରଧର ବି ଫେରି ଆସିଥିଲା। ସାଙ୍ଗରେ ଆଣିଥିଲା ତିନିଟା ନାଲିପାଣି ବୋତଲ।

ରେଞ୍ଜର ବାବୁ କହିଲେ, 'ରଇବୁ, ସମ୍ବାରୀକୁ ଡାକ୍। ନହେଲେ ରୋଷେଇ କିଏ କରିବ ?'

ଟିକେ ଅତମତ ହେଉଥିଲେ ହେଁ ରେଞ୍ଜର ବାବୁଙ୍କ କଥା କାଟି ପାରିନଥିଲା ରଇବୁ।

'ସମ୍ବାରୀ, ଏ ସମ୍ବାରୀ ! ଚାଲ୍ ଟିକେ ବଡ଼ବାବୁଙ୍କ ପାଇଁ ରୋଷେଇ କରିଦେବୁ। '

'ନାଇଁ ନାଇଁ, ମକେ ସେଠ୍ କେ ଡାକ୍ ନାଇଁ। ମକେ ସେଇ ନୁକ୍‌ଟା ଭଲ ନାଗେଇନାଇଁ। ' ସମ୍ବାରୀ ମନା କରୁଥିଲା ରଇବୁ କୁ।

'କିଛି ହିଆକ୍ ନାଇଁ ଲୋ। ମୁଇଁ ଆଛେଇଁ ନା। '

ଶେଷରେ ସମ୍ବାରୀ ରାଜି ହୋଇଥିଲା ଆଉ ରଇବୁ ସାଙ୍ଗରେ ପହଞ୍ଚିଥିଲା ବିଟ୍ ହାଉସରେ। ରେଞ୍ଜର ଆଉ ଫରେଷ୍ଟରଙ୍କୁ ମୁଣ୍ଡିଆ ମାରିଥିଲା। ଆଉ ବେଶୀ କଥାବାର୍ତ୍ତା ନ କରି ମସଲା ବାଟିବାରେ ଲାଗିଯାଇଥିଲା। ରଇବୁ ଠେକୁଆ ଗୁଡ଼ିକୁ କାଟିବା ପାଇଁ ପାଖ ଝରଣା ପାଖକୁ ଗଲା। ଗଲାବେଳେ ସମ୍ବାରୀ ତାକୁ ଏକା ନ ଛାଡ଼ିବା ପାଇଁ ନେହୁରା ହେଇଥିଲା। ହେଲେ ରଇବୁ ବାବୁ ଅଛନ୍ତିର ଗୋଟେ ଆଶ୍ୱାସନା ଦେଇ ଯାଇଥିଲା। ଅନ୍ଧାର ଘନେଇ ଆସୁଥିଲା। ରେଞ୍ଜର ବାବୁ, ଫରେଷ୍ଟର ବାବୁ ଆଉ ଚକ୍ରଧର ଗ୍ଲାସ୍ ପରେ ଗ୍ଲାସ୍ ପିଇ ଚାଲିଥିଲେ। ନିଶାରେ ତାଙ୍କ ଆଖି ଲାଲ୍ ହୋଇଯାଇଥିଲା। ତିନିହେଁ ମାଡ଼ି ଆସିଥିଲେ ସମ୍ବାରୀ ପାଖକୁ। ସମ୍ବାରୀ ଭୟରେ ଠିଆ

ହୋଇଯାଇଥିଲା। ସମ୍ବାରୀର ଦେହଟାକୁ ତାଳୁରୁ ତଳିପା ଯାଏଁ ଆଖିରେ ପରଖି ନେଉଥିଲେ ତିନିହେଁ।

ସମ୍ବାରୀ ଜାଣିପାରିଥିଲା ତାଙ୍କ ମନ୍ଦ ଉଦ୍ଦେଶ୍ୟ। ତାର ଜିଭ ଅଠା ଅଠା ହୋଇ ଯାଉଥିଲା। ଆଖିରେ ଲୁହ ଜକେଇ ଆସୁଥିଲା। ତିନି ଜଣଙ୍କ ଆଖି କାମନା ନିଆଁରେ ଦିକ୍ ଦିକ୍ ହେଇ ଜଳୁଥିଲା। ସେ ବାଘକୁ ଖୁବ୍ ଡରେ। ହେଲେ ସେ ଦେଖିପାରୁଥିଲା ଗୋଟେ ନୁହେଁ ବରଂ ତିନି ତିନିଟା ବାଘ ତା ଆଡକୁ ମାଡ଼ି ଆସୁଥିଲେ।

'ରଇବୁ...' ଗୋଟେ ଭୟ ମିଶା ଚିତ୍କାର ଆପେ ବାହାରି ଆସିଥିଲା ସମ୍ବାରୀ ପାଟିରୁ।

ସମ୍ବାରୀ ପାଟି ଶୁଣି ବିଟ୍ ହାଉସ୍ ଆଡ଼କୁ ଏକା ନିଃଶ୍ବାସରେ ଧାଇଁଥିଲା ରଇବୁ।

'ବାବୁ' ଗର୍ଜନ କରୁଥିଲା ରଇବୁ।

ଟେଣ୍ଟାଟାକୁ ଧରି ମାଡ଼ିଯାଇଥିଲା ରେଞ୍ଜର୍ ଆଡ଼କୁ। ନିଶାରେ ଟଳମଳ ହେଉଥିଲା ରେଞ୍ଜର ବାବୁଙ୍କ ଛାତିକୁ ଲକ୍ଷ୍ୟକରି ଟେଣ୍ଟାଟିକୁ ଭୁଷି ଦେଇଥିଲା ରଇବୁ। ହେଲେ ଛାତିରେ ନ ବାଜି ଟେଣ୍ଟାଟି କାନ୍ଧରେ ପଶିଯାଇଥିଲା। ଟେଣ୍ଟାଟି କାଢ଼ି ଆଣି ପୁଣି ଭୁଷିବା ଆଗରୁ ରଇବୁ ମୁଣ୍ଡ ଉପରେ ବସିଥିଲା ଏହ ଶକ୍ତ ଠେଙ୍ଗା ପାହାର। ରଇବୁର କଳାମଚ୍ ମଚ୍ ଦେହଟା ଉଷୁମ୍ ରକ୍ତରେ ଓଦା ଆଉ ଲାଲ୍ ହୋଇଯାଇଥିଲା। ତଳେ ପଡ଼ି ଯାଇଥିଲା ରଇବୁ। ତା ଆଖି ଆଗରେ ଅନ୍ଧାର ହୋଇଯାଉଥିଲା। ଝାପ୍ସା ଝାପ୍ସା ଦେଖିପାରୁଥିଲା ସମ୍ବାରୀ ଉପରେ ଝାମ୍ପିପଡୁଥିଲେ ତିନୋଟି ବାଘ। ସମ୍ବାରୀର କୋମଳ ଦେହଟାକୁ ଖିନ୍ ଭିନ୍ କରି ଖାଇ ଯାଉଥିଲେ ତିନିଜଣ। ତା ପେଟରୁ ଅନ୍ତବୁଜୁଳା ସହ ବାହାରୀ ପଡୁଥିଲା ଅପରିପକ୍ବ ଶିଶୁଟି। ଜଙ୍ଗଲୀ ବାଘକୁ ଏକଲା ସାବାଡ଼ କରିଦେଇଥିବା ରଇବୁ ଆଜି ଦୁଇ ଗୋଡ଼ିଆ ବାଘଙ୍କ ଆଗରେ ନିଜକୁ ଖୁବ୍ ଅସହାୟ ମନେ କରୁଥିଲା। ଧିରେ ଧିରେ ସମ୍ବାରୀର ଚିତ୍କାର ଥମିବାରେ ଲାଗିଥିଲା ଆଉ ରଇବୁର ଦେହଟା ଥଣ୍ଡା ହୋଇଯାଇଥିଲା।

ପରଦିନ ଖବର କାଗଜ ପୃଷ୍ଠାର ଗୋଟିଏ କୋଣରେ ବାହାରିଥିଲା, 'ମଣିଷ ଖିଆ ବାଘ ଆକ୍ରମଣରେ ଆଦିବାସୀ ଦମ୍ପତି ମୃତ। ବାଘକୁ ପ୍ରତିରୋଧ କରି ରେଞ୍ଜର ଆହତ। ' ଖବରଟା ଆଂଶିକ ଭାବରେ ସତ ତ ଥିଲା, ଅବଶ୍ୟ ଦ୍ବିତୀୟ ଧାଡ଼ିଟା।

# ମୋ ଭ୍ରମଣ କାହାଣୀ – ଟରୋଣ୍ଟୋ ୫




ପ୍ରଶାନ୍ତ କୁମାର ଭୂୟାଁ

( ପୂର୍ବ ପ୍ରକାଶିତ ଉତ୍ତାରୁ )       ରଚନା – ଡିସେମ୍ବର ୨୦୧୦

ଆପଣମାନଙ୍କ ଦୀପାବଳି ଅମାବାସ୍ୟା ତ ଭଲରେ ଭଲରେ କଟିଥିବ ନିଶ୍ଚୟ । ମୁଁ ମଧ ଏଠାରେ ଘରେ ପିଠାପଣା ସବୁ ପ୍ରସ୍ତୁତ କଲି। ଦୀପାବଳି ମୋର ମଧ ଭଲରେ ଭଲରେ କଟିଲା ହେଲେ ଆତସବାଜି , ସାପବାଣ, ତାଳ ଫୋଟକା, ଲକ୍ଷ୍ମୀ ବମ୍ବ୍, ସୋଲିଆ ତୁ, ଚକ୍ର, ଭୂଇଁଚକ୍ର, ଦଉଡ଼ି ବାଣ, ଚୁଡୁଚୁଡ଼ିଆ ବାଣ, କଲରାଫୁଲିଆ ବାଣ ପ୍ରଭୃତିକୁ ବହୁତ ମନେ ପକାଇଥିଲି। ପିଲାଦିନେ ଏହି ବାଣ କିଣିବା ପାଇଁ ଗୋଟିଏ ପ୍ରତିଯୋଗିତା ଯେମିତି ହେଉଥାଏ ପ୍ରତିଦ୍ୱନ୍ଦିଙ୍କ ସହ । ୪/୫ ଦିନ ଆଗରୁ ବାଣ କିଣି, ସେ ସବୁକୁ ଦିନବେଳେ ଖରାରେ ଶୁଖାଇ ପୁଣି ଅତି ଲୋଭିଲା ଆଖିରେ କାଗଜ ପୁଡ଼ାରେ ଭର୍ତ୍ତି କରିବାର ଯେଉଁ ଆଗ୍ରହ ରହିଥିଲା ତାହା ପ୍ରକୃତରେ ଅପାସୋରା । ସଞ୍ଜଦୀପ ଲଗା ସରିଥିବକି ନାହିଁ ବୋଉର କାନିଝିକା ଆରମ୍ଭ ହୋଇଯାଏ । ଏଣେ ବାପା ଆକଟ କରି ପୂଜାପରେ ବୋଲି ଠାରରେ ବୁଝାଇଲା ବେଳେ ଗୁମାନ ଆରମ୍ଭ ହୋଇଯାଏ । ସେ ସବୁ ମନେ ପକାଇଲା ବେଳେ ମନଟା ଫାଙ୍କା ପଡ଼ିଯାଏ ।

ସମ୍ବାଦପତ୍ର ପଢ଼ିବା ପରେ ଜାଣିବାକୁ ପାଇଲି ଯେ ଏଠାରେ “କାଭାଲ୍‌କେଡ୍ ଅଫ୍ ଲାଇଟ୍‌ସ୍



ଟରୋଣ୍ଟୋ ସହରର ସିଟି ହଲ୍‌ରେ ପାଳନ ହେଉଥିବା “କାଭାଲ୍‌କେଡ୍ ଅଫ୍ ଲାଇଟ୍‌ସ୍- ୨୦୧୦”

” ନାମରେ ଏକ ଉତ୍ସବ ହୁଏ ସିଟି ହଲ୍‌ରେ ଯେଉଁଠି ଦୀପାବଳି ପରି ବଡ଼ ଜାକଜମକରେ ବାଣ ଫୁଟାଯାଏ । ମତେ ମନେହେଲା ଯେପରି ମୋର ଅନ୍ତରର ଦୁଃଖ ବୁଝିପାରି ଟରୋଣ୍ଟୋ ସହର ଏହି ଉତ୍ସବର ଆୟୋଜନ କରିଛି । ଯିବାକୁ ପ୍ରସ୍ତୁତ ହେଲି ସିଟି ହଲ୍‌କୁ। ପହଞ୍ଚି ଦେଖିଲି ପ୍ରବଳ ଜନସମାଗମ । ରୋଷଣୀ, ବାଜା, ଖାଇବା ପିଇବାର ବ୍ୟବସ୍ଥା ପ୍ରଭୃତି ରହିଅଛି । ଯୁବ ଯୁବତୀ ସବୁ ସ୍କେଟିଙ୍ଗ ରିଙ୍କରେ ଅତି ଆନନ୍ଦର ସହ ଖେଳୁଛନ୍ତି ।

ଏହି ଉତ୍ସବ ନୂଆ ସିଟି ହଲର ପ୍ରତିଷ୍ଠା ଦିବସର ପାଳନ କରାଯାଏ ଆଉ ତା ସହ ଖ୍ରୀଷ୍ଟମାସ ଗଛର ସରକାରୀ ଉଦ୍‌ଘାଟନ ହୁଏ । ଠିକ୍ ସମୟରେ ଗୀତ ନାଚ ତଥା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଏହି ଉତ୍ସବ ପାଳନ ହେଲା । -୪ ଡିଗ୍ରୀ ଉତ୍ତାପରେ ଏହି ଉତ୍ସବକୁ ଅତି ଆନନ୍ଦରେ ଉପଭୋଗ


କରି ଘରକୁ ଫେରିଲୁ ଉଭୟେ ।

ଏହା ପୂର୍ବରୁ ଆମ୍ଭେ ଆଲୋଚନା କରିଥିଲେ ସହରର ପରିଷ୍କାର ଓ ପରିଚ୍ଛନ୍ନତା ଉପରେ । ଆସନ୍ତୁ ଆପଣଙ୍କୁ ଦେଖାଉଛି ଏହି ସହରର ପରିଷ୍କାର ଓ ପରିଚ୍ଛନ୍ନତା । ବହୁତ ଲୋକ ଏହା କହି ଟାଳି ଦିଅନ୍ତି ଯେ ଏହି ସହର ଗୁଡ଼ିକରେ ଅଳ୍ପ ଲୋକ ବସବାସ କରନ୍ତି । ଏହି ସହରରେ ଟ୍ରାଫିକ୍


ଟରେଣ୍ଟୋ ସହର ସୀମାର ସବୁଜ , ସୁନ୍ଦର ଓ ନିର୍ମଳ ସଡ଼କ

ଜାମ୍ ଏଥିପାଇଁ ବେଶୀ ନଥାଏ। ଆମ ରାଜ୍ୟର ଯେ କୌଣସି ସହର ଠାରୁ ଟରୋଣ୍ଟୋରେ ଅଧିକ ଲୋକ ବସବାସ କରନ୍ତି । ପ୍ରତିକ୍ଷଣ ଟ୍ରାଫିକ୍ ସିଗ୍ନାଲ୍ କୁ ଅତିକ୍ରମ କରି ଶହ ଶହ ଯାନ ବାହାନ ଏଇଠାରେ ବି ଛୁଟେ । ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ ବିନା ଟ୍ରାଫିକ୍ ପୋଲିସ୍‌ର ଉପସ୍ଥିତିରେ ଏହି ସହରର ବସ୍, କାର୍, ଟ୍ରକ୍‌ଚାଳକ ମାନେ ଅତି ଶୃଙ୍ଖଳାର ସହ ଯାନବାହାନର ଚାଳନା କରିଥାନ୍ତି। କିନ୍ତୁ ଆମ ଦେଶରେ ଏହାର ଠିକ୍ ଓଲଟା । କିଏ ରଙ୍ଗ ବତୀ ଦେଖି ମଧ୍ୟ ସଡ଼କ ଅତିକ୍ରମ କଲାଣି ତ କିଏ ଟ୍ରାଫିକ୍ ପୋଲିସ୍‌କୁ ନିୟମ ଶିଖାଇଲାଣି । ଆମ ଦେଶରେ "ଯା ହାତରେ ସିଏ ଚଉଦ ପା" । ଏଥିପାଇଁ ବୋଧେ ଭଗବାନ ମଧ୍ୟ ଦଶ ଅବତାର ନେଲା ପରେ ଥକି ଯାଇ କାଠ ପଥର ହୋଇ ଗଲେଣି । ଆମ ଦେଶର ଅଧିକାଂଶ ଲୋକମାନେ ବଡ଼ ଗର୍ବର ସହ କହନ୍ତି "ହମ୍ ନେହିଁ ସୁଧରେଙ୍ଗେ " । କିନ୍ତୁ ଦେଖନ୍ତୁ ତ ଏହି ସହରର ସଡ଼କ କେତେ ପରିଷ୍କାର ଆଉ ପରିଚ୍ଛନ୍ନ । କେତେ ସୁନ୍ଦର ଆଉ ପ୍ରଦୂଷଣ ମୁକ୍ତ ।

କେବଳ ସହରର ବାହାର ନୁହଁ ଭିତର ବି ଅତି ପରିଷ୍କାର ଓ ପରିଚ୍ଛନ୍ନ । ସେଇଦିନ ସଡ଼କ କଡ଼ରେ ବସ୍ ପାଇଁ ଅପେକ୍ଷା କରିଥାଏ । ଦେଖିଲି ଜଣେ ବୃଦ୍ଧବ୍ୟକ୍ତି ସଡ଼କ କଡ଼ରୁ ଚା କପ୍, ପାନୀୟ ବୋତଲ ଆଉ ପଲିଥିନ୍ ସବୁ ଗୋଟାଇ ନିକଟରେ ଥିବା ଆବର୍ଜନା ପେଟିରେ ପକାଉଥିଲେ । ମୋତେ ଦେଖି ସେ ହସି ମୋର କୁଶଳତା ପଚାରିଲେ । ଏଣୁ ଦମ୍ଭପାଇଁ ପଚାରିଲି ଆପଣ କଣ ସହରର ପରିମଳ ବିଭାଗରେ କାମ କରୁଛନ୍ତି କି ? ସେ ପୁଣି ମୁରୁକି ହସି କହିଲେ, ଚାକିରିରୁ


ଟରେଣ୍ଟୋ ସହର ଭିତରର ସଫା, ସୁନ୍ଦର ଓ ନିର୍ମଳ ସଡ଼କ

ଅବସର ବହୁ ଦିନରୁ ନେଲିଣି ଏବେ ୬୮ ବର୍ଷ ହେଲାଣି ମୋତେ ଏଣୁ ଏଇମିତି ବଞ୍ଚୁଛି । ହେଲେ ଏବେ ଖାଲିରେ ବସିବାକୁ ସମୟର ଅପଚୟ ଭାବି ଦିନକୁ ଦୁଇଘଣ୍ଟା ଏହି ଭଳି କାମପାଇଁ ଦିଏ । ଏଠି ସମସ୍ତେ ବଡ଼ ବ୍ୟଗ୍ର ଓ ବେଗରେ ରୁହନ୍ତି ଏଣୁ ସମସ୍ତେ ତ ଆବର୍ଜ୍ଜନା ପେଟି୍‌ରେ ଏହି ସବୁ ଫୋପାଡ଼ନ୍ତି ନାହିଁ , ଏଣୁ ମୁଁ ଏବଂ ମୋ ଭଳି ଅନେକ ଏହି କାମକୁ ସଳଖ କରିଦିଅନ୍ତି । ପୁଣି ପଚାରି ବସିଲି ବିଭାଗୀୟ ବ୍ୟକ୍ତିମାନେ ତ ଅଛନ୍ତି, ଏଣୁ ଆପଣ ଏହା ନକଲେ ବି ହେବ ? ସେ ପୁଣି କହିଲେ, ଏହି ସହର ସବୁ ଆମର ଏଣୁ ଏହାର ପରିଷ୍କାର ଓ ପରିଚ୍ଛନ୍ନତାର ଦାୟିତ୍ୱ କେବଳ ବିଭାଗୀୟ କର୍ମକର୍ତ୍ତାଙ୍କର ନୁହଁ, ସମସ୍ତଙ୍କର । ଆଶ୍ୱସ୍ତ ହେଲି ଏହି ଉତ୍ତର ଶୁଣି, ଅତି ମାର୍ଜ୍ଜିତ ବ୍ୟବହାର ଓ ସଳଖ ଉତ୍ତର । ସେଥିରେ ଗର୍ବ ନାହିଁ କି ଅନୁଶୋଚନା ନାହିଁ । ଏଣୁ ଆମ ପରିବେଶର ସୁରକ୍ଷା ଓ ନିର୍ମଳତା ଆମରି ହାତରେ ଅଛି । ସଭିଏଁ ଶିକ୍ଷିତ ହେବା ଏକାନ୍ତ ଆବଶ୍ୟକ । ସମସ୍ତେ



ଟରେଣ୍ଟୋ ସହରର ସୁସଜ୍ଜିତ ଓ ସାଜସଜ୍ଜାର ସମ୍ଭାରର ଅତ୍ୟାଧୁନକ ସପିଙ୍ଗ କମ୍ପ୍ଲେକ୍ସ

ସୁଧୁରିବା ଜରୁରୀ ।

ଏହି ପରିପ୍ରେକ୍ଷୀରେ ଗୋଟିଏ କଥା ମନେ ପଡୁଛି, ଆପଣଙ୍କୁ କହିଦିଏ। ପିଲାଦିନେ ଏକ ପ୍ରବଚନ କାର୍ଯ୍ୟକ୍ରମରେ ଶୁଣିଥିଲି । ଥରେ ଆମର ଜଣେ ଚିତାଚଇତନଧାରୀ ସାଧୁବାବା ପ୍ରବଚନ କାର୍ଯ୍ୟକ୍ରମରେ ଯୋଗଦେବାକୁ ଲଣ୍ଡନ ଗସ୍ତରେ ଯାଇଥାନ୍ତି। ପରିସ୍ରା ଅତର୍ଚ୍ଛରେ ସେ ଏକ ମହିଳା ଶୌଚାଳୟକୁ ପଶିଗଲେ। ସବୁ କାମସାରି କଛା ଭିଡ଼ି ବାହାରକୁ ଆସିଲା ବେଳକୁ ଜଣେ କର୍ମଚାରୀ ତାଙ୍କୁ ଚାଲାଣଟିଏ ଦେଲା । ସାଧୁ ପଚାରିଲେ କିହୋ ଇଏ କଣ ? ସେ ୟାଙ୍କୁ କହିଲେ ଯେ ଆପଣ ଅନଧିକାର ପ୍ରବେଶ କରିଥିବା ହେତୁ ଏହା ଜୋରିମାନା। ସାଧୁବାବା ନିଜର ନିଶ ଦାଢ଼ୀକୁ ସାଉଁଳେଇ କହିଲେ ମୁଁ ତୁମ ଦେଶର ରାଜ ଅତିଥି, ମୁଁ କାହିଁକି ଜୋରିମାନା ଦେବି ? ଏଇମିତି ଅତର୍ଚ୍ଛରେ ପଶିଗଲି, ଛାଡ଼ ସେ କଥା । କର୍ମଚାରୀ ନଛୋଡ଼ବନ୍ଧା ଆଉ ଆମ ସାଧୁବାବା ମଧ୍ୟ। ତର୍କ ବଢ଼ିଲା କିଛି ସମୟ । ପରିଶେଷରେ ସେହି କର୍ମଚାରୀ ଜଣକ କହିଲେ ହେଉ ଆପଣ ଜୋରିମାନା ନଦେଲେ ନାହିଁ, ହେଲେ ଚାଲାଣରେ ଦସ୍ତଖତ କରିଦିଅନ୍ତୁ । ସାଧୁବାବା ନିଜ ବିଜୟର ସ୍ପର୍ଦ୍ଧାରେ ଦସ୍ତଖତ ଟିଏ ଦେଲେ ଆଉ କହିଲେ ଏଇ କଥାଟା ଆଉ ଟିକିଏ ଆଗରୁ ଭାବିଥିଲେ ଦୁଇଜଣଙ୍କ ସମୟ ବଞ୍ଚିଯାଆନ୍ତା। ସେହି ଜାଗା ଛାଡ଼ିବା ପୂର୍ବରୁ ଅତି କୁତୁହଳ ହୋଇ ସେ ପଚାରି ବସିଲେ ଯେ ତୁମେତ ଏହି ଚାଲାଣ କାଟି ଦେଇଛ, ମୁଁ ତ ଜୋରିମାନା ଦେଲିନାହିଁ, ଏବେ କଣ ହେବ । ସେହି କର୍ମଚାରୀ

ଜଣକ ସହାସ୍ୟ ବଦନରେ କହିଲେ ଯେ ଆପଣ ଏସବୁ ଚିନ୍ତା କରନ୍ତୁ ନାହିଁ । ଆପଣଙ୍କ ସମୟ ମୂଲ୍ୟବାନ ଏଣୁ ଆପଣ ଯାଆନ୍ତୁ । ମୁଁ ଏହି ଜୋରିମାନା ଦେଇଦେବି, କାରଣ ମୁଁ ଚାହେଁନା ଯେ ଆପଣ ଅପଦସ୍ତ ହୋଇ ଅନିଚ୍ଛାରେ ପଇସା ଦିଅନ୍ତୁ ଅଥବା ମୋ ଦେଶର ବି ଧନହାନୀ ହେଉ । ଏହା ହେଲା ସେମାନଙ୍କ ଭାବନା ଓ ଉନ୍ନତ ଚିନ୍ତାଧାରା । ଏଣେ ଆମ ଦେଶରେ ଜୋରିମାନା ଦେଲେ ବି ତାହା  ରାଜକୋଷରେ କେବେ ପହଞ୍ଚି ପାରେନାହିଁ । ଏହା ଅତ୍ୟନ୍ତ ପରିତାପ ଓ ଭାବନାର ବିଷୟ  ନୁହେଁକି ? ପ୍ରତ୍ୟେକ ସଚେତନ ନାଗରିକ ଏହି ବିଷୟକୁ ଅତ୍ୟନ୍ତ ଗମ୍ଭୀର ରୂପେ ହୃଦୟଙ୍ଗମ କରିବା ଉଚିତ । କେବଳ ସଭା ଓ ସମିତିର ସ୍ୱାଭିମାନୀ ହେବା ଆଉ ନିର୍ବାଚନୀ ସଭାରେ ବଡ଼ ବଡ଼ କଥା କହିଦେଲେ ଦେଶର ଉନ୍ନତି ହୁଏ ନାହିଁ । ଦେଶର ଉନ୍ନତି ହୁଏ ନିଜର ମନ, ପ୍ରାଣ ଓ ଆତ୍ମାକୁ ଏକାକାର କରି ଜାତୀୟତା ଭାବାବେଗ ସହ କିଛି କରିବାର ଅଭିପ୍ରାୟ ନେଇ ବଞ୍ଚିବାରେ ।

ଥରେ ମୋ ସ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜଣେ ଉଚ୍ଚପଦାଧିକାରୀ ଆମ ଘରକୁ ଆସିଥିଲେ ମଧ୍ୟାହ୍ନ ଭୋଜନ ନିମନ୍ତେ । ଏଇମିତି କଥାବାର୍ତ୍ତା ଛଳରେ ଜାଣିବାକୁ ପାଇଲି ସେ ତାମିଲନାଡୁର ବାସିନ୍ଦା । ଏହି ସହରକୁ ୨୦/୨୫ ବର୍ଷ ହେଲା ଆସିଲେଣି । ତାଙ୍କ ପୁଅ ଦୁଇଟି ଉଚ୍ଚପଦରେ ଅଧିଷ୍ଠିତ । ହେଲେ ତାଙ୍କ ମନ ଏଇଠୁ ଉଠିଗଲାଣି । ସେ କହିଲେ ପ୍ରଶାନ୍ତ ବାବୁ, ଏହି ୨୦/୨୫ ବର୍ଷରେ ଅପର୍ଯ୍ୟାପ୍ତ ଧନ ସମ୍ପଦ ଅର୍ଜନ କରିଛି । ଏବେ ପ୍ରକୃତ ସମୟ ଆସିଛି ସେ ସବୁକୁ ମୋ ଦେଶର ଲୋକଙ୍କ ଉପକାରରେ ଲଗାଇବାକୁ । ଏଣୁ ଭାବୁଛି , ଦେଶକୁ ଫେରି ଗୋଟିଏ ଗାଇ ଫାର୍ମ୍ କରିବି ଆଉ ଗରୀବ ଗୁରୁବାଙ୍କୁ ମୁକ୍ତ କ୍ଷୀର ଯୋଗାଇବି । ଆଉ ସେମାନଙ୍କ ପାଇଁ ଗୋଟିଏ ତାଲିମ କେନ୍ଦ୍ର କରିବି ବୋଲି । ମୁଁ ଖୁସି ହେଲି ଯେ ଜଣେ ମହାନ ବ୍ୟକ୍ତିଙ୍କ ସହ ଭେଟିବାର ଅବସର ପାଇଲି ବୋଲି । ତାଙ୍କ ଚରଣ ଧୂଳି ନେଲି । ସେ ମଧ ମୋର ଯୋଜନା ପାଇଁ ମୋତେ ଆଶୀର୍ବାଦ କଲେ ଓ କହିଲେ ଯେତେବେଳେ ଯାହା ସହଯୋଗ ଦରକାର ମୁଁ କରିବି ବୋଲି । ଏଇଠି ବସବାସ କରୁଥିବା କେତେଜଣ ଭାରତୀୟ ଏହି ଭଳି ଭାବିପାରିବେ , କୁହନ୍ତୁତ ଦେଖି ?



ଟରେଣ୍ଟୋ ସହରରେ ତୁଷାରପାତ ପରେ ମୋ ବାସସ୍ଥାନ ଅଞ୍ଚଳର ଦୃଶ୍ୟ



ଟରେଣ୍ଟୋ ସହରରେ ତୁଷାରପାତ ପରେ ବିଭିନ୍ନ ସପିଙ୍ଗ କମ୍ପ୍ଲେକ୍ସର ଦୃଶ୍ୟ



ଚକୋଲେଟ୍ ଖ୍ରୀଷ୍ଟମାସ ଗଛ ସହ / ଟରେଣ୍ଟୋ ସହରର ଖ୍ରୀଷ୍ଟମାସ ବଜାରର ଦୃଶ୍ୟ / ବଲ୍ଗା ହରିଣ


ଟରେଣ୍ଟୋ ସହରର ଖ୍ରୀଷ୍ଟମାସ ଉପଲକ୍ଷେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ

ଚାଲନ୍ତୁ ଏବି କହିବି ଟରୋଣ୍ଟୋର କଥା। ଏହି ସହର ସୁନ୍ଦର , ନିର୍ମଳ ଓ ଶିକ୍ଷିତ ମାନଙ୍କ ବାସସ୍ଥଳୀ । ହେଲେ ଦିନେ ସହରର ମୁଖ୍ୟକେନ୍ଦ୍ରରେ ବୁଲୁଥିବା ସମୟରେ ଦେଖିଲି ଯେ କେତେଜଣ ଲୋକ ଫୁଟ୍‌ପାଥ୍‌ରେ ଶୋଇଛନ୍ତି ଏହ୍ ଶୀତ କାକରରେ ଥରି। ଆଚମ୍ଭିତ ହେଲି ଆଉ ବିଶ୍ୱାସ ମଧ ହେଲା ନାହିଁ ଏ ସବୁ ଦେଖି । ନିକଟରେ ଜଣେ ସୁରକ୍ଷା କର୍ମଚାରୀଙ୍କୁ ଅତି ସମ୍ଭ୍ରମର ସହ ଏହି ବିଷୟରେ ପଚାରିଲି। ସେ କହିଲେ ଯେ ଏହି ଭଳି ବ୍ୟକ୍ତିମାନଙ୍କ ଭିତରୁ ଅଧିକାଂଶ ମାନସିକ ବିକାର ଗ୍ରସ୍ତ ଓ ଅନ୍ୟମାନଙ୍କର ଦରକାରୀ ସରକାରୀ କାଗଜ ପତ୍ର ନାହିଁ। ସେ ଆହୁରି ବୁଝାଇ କହିଲେ ଯେ ଏହିଭଳି ଅନାଥ ଓ ବେସହାରାଙ୍କ ପାଇଁ ସରକାର ମୁକ୍ତବାସ ଓ ଅନ୍ନଛତ୍ର ସବୁ ସହରର ବିଭିନ୍ନ ଜାଗାରେ ଖୋଲିଛନ୍ତି। ହେଲେ ଅନେକ ଏହାର ସଦୁପଯୋଗ କରିପାରୁନାହାନ୍ତି । ଅତ୍ୟନ୍ତ ଆଗ୍ରହର ଶୁଣୁଥିଲି । ଖୁସି ଲାଗିଲେ ଯେ ଏହିଭଳି ବ୍ୟକ୍ତିଙ୍କ ପାଇଁ ମଧ ଏଠାରେ ସରକାର ବ୍ୟବସ୍ଥା କରିଛନ୍ତି ହେଲେ ଆମ ଦେଶରେ ଜଣେ ଚାକିରୀଆ ମଧ ଦୋଦୁଲ୍ୟମାନ ସ୍ଥିତିରେ ଥାଏ। କାରଣ କେତେବେଳେ ସେ ସରକାରଙ୍କ ଠାରୁ ସାହାଯ୍ୟ ପାଏ ନାହିଁ ତ କେତେବେଳେ ନିଜ କମ୍ପାନୀ ଠାରୁ।


ସଡ଼କ କଡ଼ରେ ଶୀତ କାକରରେ ଶୋଇଥିବା କେତେଜଣ ବ୍ୟକ୍ତି

ଡିସେମ୍ବରର ଆଗମନରେ ସାରା ସହର ଟା ଉତ୍‌ଫୁଲ୍ଲ ଦେଖାଯାଉଥାଏ । ଗହଳ ଚହଳ ସବୁଠି । ସବୁ ଦୋକାନ ବଜାର ରଙ୍ଗ ବିରଙ୍ଗ ସାଜ ସଜ୍ଜାରେ ଆକର୍ଷଣୀୟ ଦେଖା ଯାଉଥାଏ । ଭଳିକି ଭଳି ଲୋଭନୀୟ ରିହାତି ଆଳରେ ଗ୍ରାହକଙ୍କୁ ଆକର୍ଷଣ କରିବାର ପ୍ରତିଯୋଗିତା ।


ଟରେଣ୍ଟୋ ସହରର ଦୋକାନ ବଜାରରେ ଖ୍ରୀଷ୍ଟମାସ ବଜାର ସବୁ ସରଗରମ


ଟରେଣ୍ଟୋ ସହରର ଖ୍ରୀଷ୍ଟମାସ ଉପଲକ୍ଷେ ହେଉଥିବା ବିଭିନ୍ନ ଅଞ୍ଚଳର ସାଜସଜ୍ଜା ଦୃଶ୍ୟ

ଲୋକମାନେ ବି ଖୁସି ଆଉ ବେପାରୀ ମାନେ ବି ।

ଏହି ସବୁ ଦେଖି ମୋତେ ବହୁତ ଖୁସି ଲାଗୁଥାଏ। ଯେତେବେଳେ ମୋତେ ସୁଯୋଗ ମିଳୁଥାଏ ମୁଁ କୋଟ୍ ଜାକେଟ୍ ପିନ୍ଧି ବାହାରି ପଡ଼େ ଏସବୁ ଦେଖିବା ପାଇଁ। ଏଠାକାର ଥଣ୍ଡା ଅତି ପ୍ରବଳ । କେବେ କେବେ ଶୂନଠାରୁ ବହୁତ ତଳକୁ ଚାଲିଯାଏ ତାପମାନ। ଏହି ସବୁ ଅନୁଭବ ଆଉ ଅଭିଜ୍ଞତା ମୋ ପାଇଁ ନୂଆ ଥିଲା। ବିଦେଶ ବୁଲିବାର ମଜା ମୁଁ ନିଶ୍ଚିତ ଭାବରେ ଉଠାଉଥିଲି ।

ଧିରେ ଧିରେ ସବୁ ଦୋକାନ ବଜାର ରାସ୍ତାଘାଟ ସବୁଠି ସାଜସଜ୍ଜା ଆରମ୍ଭ ହୋଇସାରିଥିଲା। ବଡ଼ ବଡ଼ ସପିଂ ମଲ ଠାରୁ ଆରମ୍ଭ କରି ଛୋଟ ଛୋଟ କମ୍ପ୍ଲେକ୍ସ ଗୁଡ଼ିକରେ ରଙ୍ଗ ବିରଙ୍ଗ ସାଜସଜ୍ଜା ସହରଟିକୁ ଆହୁରି ମନୋରମ କରିଦେଉଥିଲା।ମେପଲ୍ ଲିଫ୍‌ର ଆକୃତି ଠାରୁ ଆରମ୍ଭ କରି କାକର ର ସବୁ ଭଳିକି ଭଳି ଛାଞ୍ଚସବୁ ଚତୁର୍ଦ୍ଦିଗରେ ଶୋଭା ପାଉଥାଏ।

ହଠାତ୍ ଦିନେ ଆରମ୍ଭ ହେଲା ବର୍ଷା , ପାଣିର ନୁହେଁ ତୁଷାରର । ଚାରିଆଡ଼େ ଧଳା ଆଉ ଧଳା ବରଫ ସବୁ ତୁଳା ଭଳି ଉଡ଼ି ବୁଲୁଥାନ୍ତି । ପିଲାଦିନୁ ବର୍ଷାରେ ତିନ୍ତିବାକୁ ଭଲ ଲାଗୁଥିଲା ଏବେ ମଉକା ମିଳିଲା ଏଣୁ ସେହି ତୁଷାରପାତରେ ନିଜକୁ ଭିଜାଇବାକୁ ପ୍ରୟାସ କରିଲି । ହେଲେ ତିନ୍ତିପାରିନଥିଲି, କାରଣ ଏହି ତୁଷାର ଖଣ୍ଡସବୁ ମୋ ଶୀତ ପୋଷାକ ଉପରେ ଆସ୍ତରଣ ଜମାଇବାରେ ଲାଗିଥିଲେ । ସମସ୍ତଙ୍କ ଅଲକ୍ଷରେ କିଛି ତୁଷାର ଖଣ୍ଡକୁ ମୋର ସ୍ୱାଦେନ୍ଦ୍ରିୟ ସହ ମିଳନ କରାଇ ଦେଇଥିଲି । ଚାରିଆଡ଼େ ବରଫ ସବୁ ଜମି ଯାଇଥିଲେ ଆଉ ଲଣ୍ଡା ଗଛ ଓ ଥଣ୍ଡା ଧରଣୀ ବୁକୁରେ ମୁହଁ ଗୁଞ୍ଜି ଶୋଇ ରହିଥିଲେ । କିଛି ସମୟ ପରେ ବଉଦ ଉହାଡ଼ରୁ ସୁରୁଯ ମୁହଁଟିକୁ ବାହାର

କରି ଏହି ସୁନ୍ଦର ଧରିତ୍ରୀର ପ୍ରଥମ ତୁଷାରପାତ କୁ ମନଭରି ଦେଖି ନେଉଥିଲେ । ମୋର ଆଶ୍ଚର୍ଯ୍ୟ କୁ ଆହୁରି ବଢ଼ାଇ ଦେଖିଥିଲି ଯେ ଏହି ବରଫ ଗୁଡ଼ିକ ତରଳି ନଯାଇ ଆଖି ମିଟି ମିଟି କରି ସୁରୁଯ କୁ ଅନାଇ ରହିଥିଲେ । ପ୍ରକୃତିର ଏହି ଅପରୂପ ସୌନ୍ଦର୍ଯ୍ୟ କେବଳ ରୂପେଲିପରଦା ଉପରେ ଦେଖିଥିଲି ଅତୀତରେ । ବେଳେ ବେଳେ ତାହା ମୋତେ ତୁଳା ଅଥବା ଲୁଣ ଭଳି ମନେ ହେଉଥିଲା ହେଲେ ଆଜି ସତରେ ଏହା ଦେଖି ଅତ୍ୟନ୍ତ ପ୍ରଫୁଲ୍ଲ ହୋଇ ଉଠିଥିଲି ।

ଏହି ତୁଷାର ପାତ ପରେ ସବୁ ସାଜସଜ୍ଜା ଆହୁରି କମନୀୟ ହୋଇ ଉଠିଥିଲା । ୨/୪ ଘଣ୍ଟା ଧରି ବସ୍‌ରେ ବୁଲି ଆସିଲି ବିଭିନ୍ନ ଅଞ୍ଚଳ ସବୁ ।

ଯେତେଦିନ ଆଗକୁ ଆଗକୁ ଯାଉଥାଏ ମଉଛବର ପ୍ରାଧାନ୍ୟତା ଆହୁରି ବଢ଼ିବାରେ ଲାଗିଥାଏ । ଏହି ଅବସରରେ ଟରୋଣ୍ଟୋ ର ପ୍ରସିଦ୍ଧ ଖ୍ରୀଷ୍ଟମାସ ବଜାର କୁ ବୁଲି ଯାଇଥିଲି । ବହୁତ ନୂଆ ଜିନିଷ ଦେଖିଲି, ଜାଣିଲି ଓ ଶିଖିଲି । ପ୍ରତ୍ୟେକ ଦେଶର ପର୍ବ ପର୍ବାଣୀର ରଙ୍ଗ ଓ ଢଙ୍ଗ ନିଆରା । ସମସ୍ତଙ୍କ ମୁହଁରେ ଖ୍ରୀଷ୍ଟମାସ ଆନନ୍ଦ ଓ ଉଦ୍ଦୀପନା ଭରି ଦେଇଥିଲା ବୋଧହୁଏ । ଧନୀ ଓ ନିର୍ଧନ ସମସ୍ତେ ଏହି ମହୋତ୍ସବ ର ସ୍ୱାଗତ କରିବାକୁ ଆଗେଇ ଚାଲିଥିଲେ ଡିସେମ୍ବର ୨୫ ଆଡ଼କୁ।

ପିଲାଦିନେ ବହିରେ ପଢିଥିବା ବଲ୍‌ଗା ହରିଣକୁ ପ୍ରଥମ ଥର ପାଇଁ ଦେଖିଥିଲି ଏହି ବଜାରରେ । ଭାଗ ନେଇଥିଲି ବିଭିନ୍ନ କାର୍ଯ୍ୟକ୍ରମରେ । ଏମାନଙ୍କ ର ଏହି ମହୋତ୍ସବରେ ନିଜକୁ



ଟରୋଣ୍ଟୋ ଘରର କାନ୍ଥକୁ ସିନେମା ସ୍କ୍ରିନ୍‌ଭଳି ବ୍ୟବହାର

ହଜେଇ ଦେଇଥିଲି । ସେତେବେଳେ ମନେ ପଡୁଥିଲା ଗୋଟିଏ ଧାଡ଼ି " ଇଫ୍ ୟୁ ଆର୍ ଇନ୍ ରୋମ୍ ,

ଥିଙ୍କ ଲାଇକ୍ ରୋମାନ୍ " । ବାସ୍, ମୁଁ ପୂରା ଟରୋଣ୍ଟୋନିଆନ୍ ପାଲଟି ଯାଇଥିଲି ଏହି ଜନସମୁଦ୍ର ଭିତରେ । ମଜ୍ଜି ଯାଇଥିଲି ସେମାନଙ୍କ ମହୋତ୍ସବରେ ଆଉ ସେମାନଙ୍କର ଭାବାବେଗ ସାଙ୍ଗରେ ମୁଁ ଏକାକାର ହୋଇ ଯାଇଥିଲି ।

ପ୍ରତିଦିନ ଏହିଭଳି ଆମୋଦ ପ୍ରମୋଦରେ ଅଧାଦିନ ବିତି ଯାଉଥିଲା ଆଉ ରାତିରେ ଘରକୁ ଫେରି ଇଣ୍ଟର୍‌ନେଟ୍‌ରେ ମେଲ୍ ଦେଖୁଥିଲି ଆଉ  ଫେସ୍‌ବୁକ୍‌ରେ ମଜ୍ଜି ରହୁଥିଲି । ନୂଆ ନୂଆ ଓଡ଼ିଆ ଭାଇ ଓ ଭଉଣୀଙ୍କ ସହ ଭାବ ଆଦାନ ପ୍ରଦାନ କରୁଥିଲି । ରାତିରେ ଲାଇବ୍ରେରୀରୁ ଆଣିଥିବା ହିନ୍ଦୀ ଅଥବା ଇଂରାଜୀ ସିନେମା ସବୁ ସିନେମା ଘରେ ଦେଖିଲା ଭଳି ଦେଖୁଥିଲି । ପ୍ରଥମତଃ ଟିଭି କିଣି ନଥିଲି ଆଉ ମୋତେ ଗୋଟିଏ ଭଲ ପ୍ରୋଜେକ୍ଟର୍ ମିଳି ଯାଇଥିଲା ଏଣୁ ଘରର କାନ୍ଥକୁ ସିନେମା ପରଦା କରି "୭୦ମିମି" ଭଳି ଦେଖୁଥିଲି । ଏହା ମଧ୍ୟ ଆଉ ଗୋଟିଏ ନୂଆ ଅନୁଭୂତି ଥିଲା ମୋ ପାଇଁ । ପିଲାଦିନୁ ଏହି ଇଚ୍ଛାଟି ରହିଥିଲା ଯେ ପ୍ରତିଦିନ ନିଜ ଘରେ ବସି ସିନେମା ଘର ଭଳି ବଡ଼ ପରଦାରେ ଦେଖିବାକୁ କାରଣ ଏଥିରେ ମୁଁ ନିଜ ଇଚ୍ଛାରେ ଦେଖିପାରୁଥିବି ଆଉ ବିରାମ ନେଇ ପାରୁଥିବି ।

ସୁଧୀ ପାଠକେ, ଏବେ "ନିଶବ୍ଦ" ଦେଖିବାର ସମୟ ହେଲାଣି ଏଣୁ ଆଜି ଏଇଠି ରହୁଛି, ପୁଣି ଖ୍ରୀଷ୍ଟମାସ କିପରି କଟାଇଲି ଟରୋଣ୍ଟୋରେ ସେ ସବୁ ବଖାଣିବା ପାଇଁ ପୁଣି ଆପଣଙ୍କ ସହ ମିଶିବି । ଧନ୍ୟବାଦ ।  ( କ୍ର ମ ଶଃ )

# ମାନସିକ ବିଷାଦ ଏବଂ ଛାତ୍ରଛାତ୍ରୀ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପାଠପଢ଼ାରେ ସବୁବେଳେ ପ୍ରଥମ ରହିବାପାଇଁ ଅତ୍ୟଧିକ ଚାପ ଫଳରେ ବିଦ୍ୟାୟଧନରେ ରତ ଛାତ୍ରଛାତ୍ରୀମାନେ କୁପଥକୁ ଯାଇପାରନ୍ତି। ବିଗତ ଶତାବ୍ଦୀ ଅପେକ୍ଷା ଚଳିତ ଶତାବ୍ଦୀରେ ଛାତ୍ରଛାତ୍ରୀମାନଙ୍କ କ୍ଷେତ୍ରରେ ଆତ୍ମହତ୍ୟା ପରି ପନ୍ଥା ଆପଣାଇବାର ଅନେକ ନଜିର ଦେଖିବାକୁ ମିଳୁଛି। ମୁଁ ନିଜେ ଅନେକ ଛାତ୍ର ଛାତ୍ରୀଙ୍କୁ ଦେଖୁଛି ଯେଉଁମାନେ ପାଠପଢ଼ାରେ ନବେ ପ୍ରତିଶତ ପର୍ଯ୍ୟନ୍ତ ମାର୍କ ରଖନ୍ତି, କିନ୍ତୁ ଅନେକ ମାନସିକ ଓ ଶାରିରୀକ ଚାପର ବଶବର୍ତ୍ତୀ ବି ହୁଅନ୍ତି। ସତେ ଯେମିତି ଅଧିକରୁ ଅଧିକ ମାର୍କ ରଖିବାର ଏକ ଅଣଦେଖା ପ୍ରତିଯୋଗୀତାରେ ସେମାନେ ନିଜକୁ ପ୍ରମୁଖ ସ୍ଥାନରେ ଦେଖିବାକୁ ଚାହାନ୍ତି।

କହିବା ଅନାବଶ୍ୟକ ଅନେକ ସ୍କୁଲ କଲେଜ ମଧ ଛାତ୍ରଛାତ୍ରୀମାନଙ୍କୁ ଅତ୍ୟଧିକ ଚାପର ଶୀକାର କରନ୍ତି, ସବୁବେଳେ ଅଧିକ ମାର୍କ ପାଇବା ପାଇଁ ଏବଂ ସ୍କୁଲ କିମ୍ବା କଲେଜର ମାନ ରଖିବାପାଇଁ ଛାତ୍ରଛାତ୍ରୀଙ୍କ ଉପରେ ଅନାବଶ୍ୟକ ବୋଝ ପକେଇ ଦିଆଯାଉଛି। ଅତ୍ୟଧିକ ବିଦ୍ୟାଧୟନ ମଧରେ ନିଜର ଖାଲି ସମୟରେ ସେମାନେ ଖେଳକୁଦ କରିବା କିମ୍ବା କୌଣସିପ୍ରକାର ସୁଅଭ୍ୟାସ ଯେମିତି ଲେଖାଲେଖି କରିବା, କବିତା ଆବୃତି କରିବା, ଗୀତ ଶୁଣିବା, ଭ୍ରମଣ କରିବା ଆଦି ବିଭିନ୍ନ ଉପାଦେୟ ଜିନିଷକୁ ଭୁଲି ଯାଉଛନ୍ତି। ସେମାନଙ୍କ ପାଇଁ ଅଧିକରୁ ଅଧିକ ମାର୍କ ରଖି କେବଳ ଚାକିରୀ କରିବା ହିଁ ସବୁ କିଛି ବୋଲି ଭାବି ନିଅନ୍ତି।

### ପିତାମାତା ମାନଙ୍କ ଅତ୍ୟଧିକ ଚାପ

ପ୍ରାୟ ସମସ୍ତ ସାଧାରଣ ପିତାମାତାଙ୍କ ମନରେ କେବଳ ଗୋଟିଏ ସ୍ବପ୍ନ, ତାଙ୍କର ସନ୍ତାନମାନେ ଭଲ ପାଠ ପଢ଼ନ୍ତୁ, ଇଞ୍ଜିନିୟରିଂ କିମ୍ବା ଡ଼ାକ୍ତରୀ ପଢ଼ି କୌଣସି ଭଲ କମ୍ପାନୀରେ କିମ୍ବା ସରକାରୀ ଚାକିରୀଟିଏ କରନ୍ତୁ। ଏଥିରେ କୌଣସି ଭୁଲ ମୁଁ ଦେଖେ ନାହିଁ। କାରଣ ପିତାମାତା ସର୍ବଦା ପିଲାମାନଙ୍କ ଭଲ ହିଁ ଚାହାନ୍ତି, ହେଲେ ଏଠାରେ ଆମେ ଭୁଲି ଯାଉଛେ ଯେ ଯେଉଁ ପିଲାମାନଙ୍କ ପାଇଁ ଏତେ ସବୁ ଚିନ୍ତା କରାଯାଉଛି, ସେମାନଙ୍କ ପ୍ରକୃତ ଇଚ୍ଛା କଣ ? ପିଲାଦିନେ

ବାପାମା'ଙ୍କ ଦାବୀ, ପରେ ପରେ ସ୍କୁଲ କଲେଜରେ ଶିକ୍ଷକମାନଙ୍କ ଦାବୀ ଓ ଶେଷରେ ଚାକିରୀ କ୍ଷେତ୍ରରେ ଉଚ୍ଚାଧିକାରୀଙ୍କ ଦାବୀ ଆଗରେ ମୁଣ୍ଡ ନୁଆଇଁ, ଅନ୍ତତଃ ନିଜ ଆତ୍ମାର ଇଚ୍ଛାକୁ ସେ ଜଳାଞ୍ଜଳି ଦେଇସାରିଥାଏ।

ଯେତେବେଳେ ପରୀକ୍ଷାଫଳ ଖରାପ ହୁଏ ସେଇ ସମୟରେ ଏହି ଛାତ୍ରଛାତ୍ରୀ ନିଜକୁ ଅନେକ୍ ଅସହାୟ ବୋଲି ଧରି ନିଅନ୍ତି, ବାପାମା'ଙ୍କ ରାଗର ଶୀକାର ହେବାର ସାହାସ ହରାଇ ଅନେକ ଛାତ୍ରଛାତ୍ରୀ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ପରି କଠିନ ପଦକ୍ଷେପ ବି ନେଇଥିବାର ଉଦାହରଣ ମୁଁ ଦେଖିଛି।

## ଶିକ୍ଷାୟତନରେ ବିଦ୍ୟାଧୟନର ଅତ୍ୟଧିକ ଚାପ

ସ୍କୁଲ କଲେଜରେ ବହୁତ ଅଧିକ ଛାତ୍ରଛାତ୍ରୀ ପାଠପଢ଼ନ୍ତି। ସେଥିରୁ ଅନେକ ଛାତ୍ରଛାତ୍ରୀ ପାଠପଢ଼ାରେ ବହୁତ ଅଧିକ ଭଲ କରୁଥିବା ବେଳେ ଅନେକ ଛାତ୍ରଛାତ୍ରୀ ଖେଳକୁଦରେ ମଧ୍ୟ ନିଜ ପାରଙ୍ଗମ ଦେଖାନ୍ତି। କିନ୍ତୁ ସେହି ବିଦ୍ୟାଳୟରେ ହିଁ ସମସ୍ତ ଛାତ୍ରଛାତ୍ରୀଙ୍କୁ ସେମାନେ ପାଇଥିବା ମାର୍କର ହିସାବରେ ଦେଖାଯାଏ। ତେଣୁ ଯଦି ଜଣେ ଛାତ୍ର ୮୦ ପ୍ରତିଶତ ମାର୍କ ରଖେ ତେବେ ତାକୁ ଭଲ ଛାତ୍ର ବୋଲି କୁହାଯାଏ ଅଥଚ ୭୦ ପ୍ରତିଶତ ପାଇଥିବା ଛାତ୍ରକୁ ସେଇ ଏକା ସମ୍ମାନ ମିଳେନାହିଁ। ଯଦିଓ ବାସ୍ତବିକ ଜୀବନରେ ଏହି ପ୍ରତିଶତ ମାର୍କର କୌଣସି ମହତ୍ତ୍ୱ ସେମିତି ଦେଖାଯାଏ ନାହିଁ। ଭବିଷ୍ୟରେ କିଏ କେମିତି କାମ କରିବ ସେଥିରେ ଏହି ପ୍ରତିଶତ ମାର୍କର ମହତ୍ତ୍ୱ ଅତି ଗୌଣ। କିନ୍ତୁ ବର୍ଷପରେ ବର୍ଷ ଛାତ୍ରମାନଙ୍କୁ ପରୀକ୍ଷା ହିଁ ଦେଇ ନିଜର ଯୋଗ୍ୟତା ପ୍ରମାଣ କରିବାକୁ ପଡ଼ିଥାଏ।

ଚଳିତ ଶିକ୍ଷା ବ୍ୟବସ୍ଥାରେ ଥିବା ଅନେକ ଭୁଲଭଟକାକୁ ମୁଁ ନିଜେ ଦେଖିଛି, ଏବଂ ଏହି ବ୍ୟବସ୍ଥା ଯୋଗୁଁ ଅନେକ ଛାତ୍ର ନିଜକୁ ହେୟ ମନେ କରି ମାନସିକ ବିଷାଦଗ୍ରସ୍ତ ହୁଅନ୍ତି, ଏଥିରେ ଦ୍ବିମତ ନାହିଁ। ଏଠାରେ ଦେଖିବା କେମିତି ଏହି ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କର କ୍ଷତି କରେ:-

୧. ଚଳିତ ବ୍ୟବସ୍ଥାରେ ମାର୍କ ସର୍ବସ୍ବ ହେଉଥିବାରୁ ପିଲାମାନେ ବହିରେ ଥିବା ପାଠକୁ ଘୋଷିପକାନ୍ତି ହେଲେ ବିଷୟ ବିଶେଷକୁ ମନ ଦେଇ ପଢ଼ନ୍ତି ନାହିଁ।

୨. ଏହି ମାର୍କ ପ୍ରଣାଳୀ ହେତୁ ପିଲାମାନେ ଅଧିକ ମାର୍କ ରଖିବା ଆଶାରେ ଚାପଗ୍ରସ୍ତ ହୁଅନ୍ତି।

୩. ଏହି ବ୍ୟବସ୍ଥାରୁ ସେମାନେ ମନେ କରନ୍ତି ଯେ ଫେଲ୍ ହେବା ପିଲାମାନେ ଜୀବନରେ ଅନେକ ଅସୁବିଧାର ସମ୍ମୁଖୀନ ହୁଅନ୍ତି, ଏବଂ ସେମାନେ କେବେ ବି ସଫଳ ହୋଇପାରନ୍ତି ନାହିଁ।

୪. ଏହା ଫଳରେ ଅନେକ ମେଧାବୀ ଛାତ୍ରଛାତ୍ରୀ କେବଳ ପାଠବହିକୁ ସର୍ବସ୍ବ କରିଦେଇ ନିଜର ଅନ୍ତର୍ନିହିତ ଶକ୍ତି ଓ ସାମର୍ଥ୍ୟକୁ ଭୁଲି ଯାଆନ୍ତି।

୫. ଏହି ବ୍ୟବସ୍ଥାରେ ପିଲାମାନଙ୍କୁ ବାସ୍ତବିକ ଜୀବନଚର୍ଯ୍ୟାପାଇଁ ପ୍ରସ୍ତୁତ କରାଯାଏ ନାହିଁ।

୬. ଏଥିରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଗାଇଗୋଠ ପରି ଏକାସମାନ ହେବାର ଶିକ୍ଷା ଦିଆଯାଏ। (ଯାହା ସମସ୍ତେ କରିବେ ତାହା ମୁଁ ବି କରିବି ବୋଲି ଜଣେ ଛାତ୍ର ଧରିନିଏ। )

୭. ଏହା ଫଳରେ ସମସ୍ତେ କେବଳ ଭଲ ଅଙ୍କରେ ପାସ କରି ଚାକିରୀ କରିବାକୁ ହିଁ ଶ୍ରେୟ ମଣିଥାନ୍ତି। (ଅନେକ ଛାତ୍ରଛାତ୍ରୀ ବ୍ୟବସାୟଭଳି ସ୍ବୟଂ ସହାୟକ ବ୍ୟବସ୍ଥାରୁ ଦୁରେଇ ଯାଆନ୍ତି। )

୮. ଏହି ବ୍ୟବସ୍ଥାରେ ଚିନ୍ତାକରିବା ଏବଂ କୌଣସି ବିଷୟକୁ ଅନୁଶୀଳନ କରିବା କ୍ଷମତା ସରିଯାଏ, ଏବଂ ଚିରାଚରିତ ପ୍ରଥା ହିସାବରେ ହିଁ ଛାତ୍ରଟିଏ ଚାଲିଥାଏ।

ଅତ୍ୟନ୍ତ ଦୁଃଖର ବିଷୟ ସମସ୍ତେ ଏହା ଜାଣିଥିବା ସତ୍ତ୍ବେ କେହି ବି ମାନସିକ ବିଷାଦ ହେତୁ ହେଉଥିବା ଆତ୍ମହତ୍ୟା ପରି ଘୃଣ୍ୟ ଜିନିଷକୁ ଦେଖି ପାରନ୍ତି ନାହିଁ। ଯେଉଁ ଛାତ୍ର ଭବିଷ୍ୟତରେ ଜଣେ ଉତ୍ତମ ନାଗରିକ ହୋଇପାରନ୍ତା, ଜଣେ ବୈଜ୍ଞାନିକ, କିମ୍ବା କଳାକାର କିମ୍ବା ବ୍ୟବସାୟୀ ହୋଇ ପାରନ୍ତା, ସେ ନିଜକୁ ମେଧାବୀ ଛାତ୍ରଛାତ୍ରୀଙ୍କ ସହିତ ତୁଳନାତ୍ମକ ଦୃଷ୍ଟିରେ ନ୍ୟୁନ ପାଇ ନିଜ ଜୀବନକୁ ହରେଇ ବସେ।

# ଅନ୍ଧ ବିଦ୍ୟାଳୟରେ ଗୋଟିଏ ସନ୍ଧ୍ୟା




ଉପସ୍ଥିତ ଅତିଥିମାନଙ୍କ ଗହଣରେ ଡା ସ୍ବାଇଁ ଏବଂ ଅନ୍ୟମାନେ



ଛାତ୍ରୀମାନଙ୍କ ଦ୍ବାରା ସଙ୍ଗୀତ ପରିବେଷଣ



ଡା ସଦଦେବ ସ୍ବାଇଁଙ୍କ ଅଭିଭାଷଣ



ଶ୍ରୀ ଓମ୍ ଶଙ୍କର ଦୟାଲ ଅଗ୍ରୱାଲଙ୍କ ଅଭିଭାଷଣ

ବିଗତ ଛଅ ତାରିଖ ସନ୍ଧ୍ୟାରେ ବ୍ରହ୍ମପୁର ଗୋଷାଇଁନୁଆଗାଁସ୍ଥିତ ଓଡ଼ିଶା ଦୃଷ୍ଟିହୀନ ସେବାକେନ୍ଦ୍ର ପ୍ରାଙ୍ଗଣରେ ଏକ ସାଂସ୍କୃତିକ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ଲଣ୍ଡନରେ ରହୁଥିବା ଓଡ଼ିଆ ଡାକ୍ତର ଶ୍ରୀ ସହଦେବ ସ୍ବାଇଁ ମହାଶୟଙ୍କ ସହାନୁଭୂତି ଏବଂ ଆର୍ଥିକ ସହାୟତାରେ ଏହି କାର୍ଯ୍ୟକ୍ରମକୁ ଆହ୍ବାନ ଓଡ଼ିଆ ପରିବାର ତରଫରୁ ଆୟୋଜନ କରାଯାଇଥିଲା।

ସୂଚନାଯୋଗ୍ୟ ଯେ ଶ୍ରୀ ସ୍ବାଇଁ ଆହ୍ବାନ ଇ-ପତ୍ରିକାର ପ୍ରଥମ ସଂସ୍କରଣ ସମୟରୁ ହିଁ ଆମସହ ଜଡ଼ିତ ଅଛନ୍ତି ଏବଂ ବିଭିନ୍ନ ସମୟରେ ସାମାଜିକ ଉନ୍ନତି ମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରିବା ପାଇଁ ଆମକୁ ମାନସିକ ଓ ଆର୍ଥିକ ଭାବରେ ସହାୟତା ଯୋଗାଇ ଆସୁଛନ୍ତି। ସଂପ୍ରତି ସେ ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟର ପଚାଶବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦାନ କରିବାପାଇଁ ଆସିଥିବା ସମୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଆମକୁ ଅନୁରୋଧ କରିଥିଲେ। ବିଗତ ସେପ୍ଟେମ୍ବର ମାସରେ ସେ ଏହି ବିଦ୍ୟାଳୟର ସମସ୍ତ ଭିନ୍ନକ୍ଷମ ଛାତ୍ରୀମାନଙ୍କ ନିମନ୍ତେ ବ୍ରେଲିରେ ଲେଖା ହେବାଯୋଗ୍ୟ କାଗଜ ଯୋଗାଇ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ସେ ସପତ୍ନୀକ ଉପସ୍ଥିତ ରହିବା ସହିତ ନିଜ ଶ୍ବଶୁର ଶ୍ରୀ ଓମ ଶଙ୍କର ଦୟାଲ୍ ଅଗ୍ରୱାଲ ମହାଶୟଙ୍କୁ ବି ସାଥିରେ ଆଣିଥିଲେ। ଶ୍ରୀ ଅଗ୍ରୱାଲ ଏହି କାର୍ଯ୍ୟକ୍ରମ ଦେଖି ଭାବବିହ୍ବଳ ହୋଇ ଉପସ୍ଥିତ ଆମ ଅତିଥି ସମେତ, ସମସ୍ତ ଛାତ୍ରୀମାନଙ୍କ ଉଜ୍ଜ୍ବଳ ଭବିଷ୍ୟପାଇଁ କାମନା କରିଥିଲେ।

ଡାକ୍ତର ଶ୍ରୀ ସହଦେବ ସ୍ବାଇଁ ନିଜ



ଡା ସ୍ୱାଇଁ, ଶ୍ରୀମତି ପାଢ଼ୀ ଏବଂ ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର



ଶ୍ରୀମତୀ ସ୍ୱାଇଁଙ୍କ ଅଭିଭାଷଣ







ବକ୍ତବ୍ୟରେ ଏହି ଭିନ୍ନକ୍ଷମ ଛାତ୍ରୀମାନଙ୍କ ପାଇଁ ସେ କିଛି କରିପାରିଲେ ନିଜକୁ ଧନ୍ୟ ମନେ କରିବେ ବୋଲି କହିଥିଲେ ଏବଂ ଭବିଷ୍ୟରେ ଏହି ସଂସ୍ଥାକୁ ସେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ ଯେ ଏହି ସଂସ୍ଥା ଓଡ଼ିଶାର ଏକମାତ୍ର ମହିଳା ଦୃଷ୍ଟିହୀନ ବିଦ୍ୟାଳୟ ଅଟେ, ଏବଂ ଏଠାରେ ଶତାଧିକ ଦୃଷ୍ଟିହୀନା ଛାତ୍ରୀ ରହି ପଢ଼ାପଢ଼ି କରି ନିଜ ଭବିଷ୍ୟ ସୁଧାରିବାରେ ଉଦ୍ୟମରତ।

କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରୀମତି ସ୍ୱାଇଁ ଡାକ୍ତର ଅଞ୍ଜଳୀ ଅଗ୍ରୱାଲ୍ ଏହି ଛାତ୍ରୀମାନଙ୍କ ପାଇଁ ବୈଜ୍ଞାନିକ ଓ ଡାକ୍ତରମାନେ ବିଶେଷ ଗବେଷଣା କରି ସେମାନଙ୍କ ଦୃଷ୍ଟିଶକ୍ତି ଫେରାଇବା ପାଇଁ ଚେଷ୍ଟା କରନ୍ତୁ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମର ପ୍ରଯୋଜନା କରିଥିଲେ ଆହ୍ୱାନ ଓଡ଼ିଆ ପରିବାରର ପରିଚାଳିକା ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର।

ସାନ୍ଧ୍ୟ କାର୍ଯ୍ୟକ୍ରମପରେ ବିଦ୍ୟାଳୟରେ ଏକ ରାତ୍ରୀଭୋଜନର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ବିଦ୍ୟାଳୟର ଭିନ୍ନକ୍ଷମ ଛାତ୍ରୀମାନଙ୍କ ସହ ଏକାଠି ବସି ଉପସ୍ଥିତ ଅତିଥିମାନେ ପ୍ରସାଦ ସେବନ କରିଥିଲେ।

# ବିଶେଷ ସୂଚନା

ଆହ୍ବାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା। ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ। ବେଳେ ବେଳେ ପୂଜାପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ। ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ। ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ। ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ବାରା କିମ୍ବା ଇ-ମେଲ୍ ଦ୍ବାରା ପଠାଇପାରିବେ। ଡ଼ାକ ଦ୍ବାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ବରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ। ଇ-ମେଲ୍ ଦ୍ବାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ।

ଆହ୍ବାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ବାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ। ଆମେ ପରିବେଶ ପ୍ରଦୂଷଣ ବିରୋଧ କରୁ।

ଆହ୍ବାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ବାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ବରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର - ୨ୟ ଗଳି
ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦
ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍‌ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା -

**aahwaan@gmail.com**

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ସମ୍ପାଦକ, ଆହ୍ବାନ